Odia Daily www.theutkalsamachar.com

ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Postal Regn. No.OR/SUN-07/2007-09 ◆ RNI. Regd. No.ORIORI/2004/17448

ଓଡିଆଙ୍କୁ ଫେରାଇ ଆଣିବାକୁ ବ୍ୟବସ୍ଥା କରନ୍ତୁ : ନବୀନ

ଭୁବନେଶ୍ୱର,୧୦/୩(ନି/ପ୍ର) : ମଧ୍ୟପ୍ରାଚ୍ୟ ଯୁଦ୍ଧ ଭିତରେ ମୋହନ ସରକାରଙ୍କୁ ଅନୁରୋଧ କରିଛନ୍ତି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ । ନବୀନ କହିଛନ୍ତି ଓଡ଼ିଆଙ୍କୁ ଫେରେଇ ଆଣ । ଇରାନ-ଆମେରିକା ଯୁଦ୍ଧ ସୋମବାର ସୁଦ୍ଧା ୧୦ ଦିନ ଅତିକ୍ରମ କରିଥିବାବେଳେ ଏହା ଅଧିକ ତୀବ୍ର ହେବାରେ ଲାଗିଛି । ଯାହାର ପ୍ରଭାବ ସାରା ବିଶ୍ୱରେ ଦେଖିବାକୁ ମିଳିଛି । ସେଠାରେ ଫସି ରହିଥିବା ଭାରତୀୟମାନେ ଅଧିକ ହନ୍ତସନ୍ତ ହେଉଛନ୍ତି । ଏହି ସମୟରେ ଯୁଦ୍ଧକୁ ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଚିନ୍ତା ପ୍ରକଟ କରିଛନ୍ତି । ଆହୁରିମଧ୍ୟ ସେ କହିଛନ୍ତି ମୁଁ ବୁଝିପାରୁଛି ଯେ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକରେ ଲକ୍ଷ ଲକ୍ଷ ଓଡ଼ିଆ ଲୋକ ଫସି ରହିଛନ୍ତି । ସେମାନେ କେତେ କଷ୍ଟରେ ଥିବେ । ମୁଁ ଓଡ଼ିଶା ସରକାର ଏବଂ ଭାରତ ସରକାରଙ୍କୁ ଅନୁରୋଧ କରୁଛି ଯେ ସେମାନେ କିପରି ଭାରତରେ ନିଜ ଘରକୁ ଫେରିବେ ସେ ନେଇ ତୁରନ୍ତ ପଦକ୍ଷେପ ନିଅନ୍ତୁ । ମାର୍ଚ୍ଚ ୫ ସୁଦ୍ଧା, ମୋଟ ୧୪,୯୯୨ ଫସି ରହିଥିବା ଯାତ୍ରୀଙ୍କୁ ଭାରତ ଫେରାଇ ଅଣାଯାଇଛି । ତଥାପି, ମଧ୍ୟପ୍ରାଚ୍ୟରେ ହଜାର ହଜାର ଭାରତୀୟ ଏବେ ବି ଫସି ରହିଛନ୍ତି ବୋଲି ନବୀନ କହିଛନ୍ତି । ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରୁଛି ବୋଲି କହିଛନ୍ତି ନବୀନ ।

ଅଭାବନୀୟ ଘଟଣା, ଗୁଳି କରି ସ୍ତ୍ରୀକୁ ହତ୍ୟା କଲା ସ୍ୱାମୀ

କନ୍ଧମାଳ,୧୦/୩ (ନି/ପ୍ର): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ଅଂଚଳରୁ ଆସିଛି ଏକ ଅଭାବନୀୟ ଘଟଣା । ଗୁଳି କରି ସ୍ତ୍ରୀକୁ ହତ୍ୟା କଲା ସ୍ୱାମୀ । ଏହାସହିତ ଏହି ଗୁଳିମାଡ଼ରେ ଜଣେ ଗ୍ରାମବାସୀ ଗୁରୁତର ହୋଇଛନ୍ତି । ଗୁରୁତର ଅବସ୍ଥାରେ ତାଙ୍କୁ ନିକଟସ୍ଥ ମେଡିକାଲରେ ଭର୍ତ୍ତି କରାଯାଇଛି । ଅଭିଯୁକ୍ତକୁ ଅଟକ ରଖି ଜେରା କରୁଛି ପୋଲିସ ।ଖବର ଅନୁଯାୟୀ, ମଙ୍ଗଳବାର ସକାଳେ ଗୋଛାପଡା ଥାନା କଟାପାଙ୍ଗା ଗାଁର ନରୋତମ ବେହେରା ଓ ତାଙ୍କ ସ୍ତ୍ରୀ ସୁଚିତ୍ରା କୌଣସି କାମରେ ଫିରିଙ୍ଗିଆ ଯାଉଥିଲେ । ସକାଳ ପ୍ରାୟ ୯ଟା ବେଳେ ବଗାରିମୁଣ୍ଡା ଛକ ନିକଟରେ କ୍ରାଣ୍ଡିବାଲି ପଚାଂୟତ ସରୁପଡା ଗ୍ରାମର ବିରଚିଂ ବେହେରା ପଛରୁ ଆସି ଏକ ଦେଶୀ ବନ୍ଧୁକରେ ନରୋତମଙ୍କ ଉପରକୁ ଗୁଳି ଚଳାଇଥିଲେ । ଫଳରେ ତାଙ୍କର ଗୋଡ, ଜଙ୍ଘ ସମେତ ଶରୀରର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗିଥିଲା । ଏହାପରେ ବିରଚିଂ ନିଜ

ଘରକୁ ଯାଇ ସ୍ତ୍ରୀ ଲିଲି ବେହେରାଙ୍କୁ ଗୁଳି କରିଥିଲେ । ଫଳରେ ଘଟଣା ସ୍ଥଳରେ ଲିଲିଙ୍କ ମୃତ୍ୟୁ ହୋଇ ଯାଇଥିଲା । ନରୋତମ ବର୍ତ୍ତମାନ ଗୋଛାପଡା ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି । ଖବର ପାଇ ପୋଲିସ ଡାକ୍ତରଖାନାରେ ପହଚିଂ ନରୋତମଙ୍କ ଠାରୁ ଘଟଣା ସମ୍ପର୍କରେ ପଚାରି ବୁଝିଛି । ଏପଟେ ବିରଚିଂଙ୍କୁ ପୁଲିସ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ଥାନା ଅଧିକାରୀ ସଞ୍ଜିତ ବେହେରା ସୂଚନା ଦେଇଛନ୍ତି । ଟଙ୍କା ଦେଣନେଣକୁ ନେଇ ବିରଚିଂ ଓ ନରୋତମଙ୍କ ମଧ୍ୟରେ ପୂର୍ବରୁ ମନାନ୍ତର ରହିଥିବା କୁହାଯାଉଛି । ତେବେ ସ୍ତ୍ରୀଙ୍କୁ ସେ କାହିଁକି ହତ୍ୟା କଲେ ସେ ସମ୍ପର୍କରେ କିଛି ଜଣା ପଡିନାହିଁ । ଗୋଛାପଡା ପୁଲିସ ତଦନ୍ତ ଜାରି ରଖିଛି ।

"ଇରାନ-ଆମେରିକା ଯୁଦ୍ଧ ପ୍ରାୟ ସମାପ୍ତ"

ତେହେରାନ,୧୦/୩: ମଧ୍ୟପ୍ରାଚ୍ୟରେ ଆମେରିକା, ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଚାଲିଥିବା ଉତ୍ତେଜନା ମଧ୍ୟରେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ଗୁରୁତ୍ୱପୂର୍ଣ୍ଣ ବିବୃତି ଜାରି କରିଛନ୍ତି । ଟ୍ରମ୍ପ କହିଛନ୍ତି ଯେ ଯୁଦ୍ଧ ଏବେ ପ୍ରାୟ ସମାପ୍ତ । ସେ ଇରାନକୁ ଯେକୌଣସି ଭୁଲ ଉଦ୍ୟମ ବିରୁଦ୍ଧରେ କଡ଼ା ଚେତାବନୀ ମଧ୍ୟ ଦେଇଛନ୍ତି ।

ବଜେଟ୍ ପରବର୍ତ୍ତୀ ୱେବିନାରରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଉଦବୋଧନ

ନୂଆଦିଲ୍ଲୀ,୧୦/୩: ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ବଜେଟ୍ ପରବର୍ତ୍ତୀ ୱେବିନାର ସିରିଜର ଚତୁର୍ଥ ୱେବିନାରରେ ସବକା ସାଥ ସବକା ବିକାଶ -ଲୋକଙ୍କ ଆକାଂକ୍ଷା ପୂରଣ ବିଷୟ ଉପରେ ଆଲୋଚନା କରିଥିଲେ । ଶିକ୍ଷା, ଦକ୍ଷତା, ସ୍ୱାସ୍ଥ୍ୟ, ପର୍ଯ୍ୟଟନ, କ୍ରୀଡା ଏବଂ ସଂସ୍କୃତି କ୍ଷେତ୍ରକୁ ଏହି ଲକ୍ଷ୍ୟ ହାସଲ ପାଇଁ ପ୍ରମୁଖ ମାଧ୍ୟମ ଭାବରେ ବର୍ଣ୍ଣନା କରି, ଶ୍ରୀ ମୋଦୀ ବଜେଟ୍ ଘୋଷଣାଗୁଡ଼ିକର ପ୍ରଭାବୀ କାର୍ଯ୍ୟାନ୍ୱୟନ ବିଷୟରେ ଆଲୋଚନା କରିବାକୁ ବିଶେଷଜ୍ଞ ଏବଂ ନୀତି ନିର୍ଦ୍ଧାରକମାନଙ୍କୁ ଆମନ୍ତ୍ରଣ କରିଥିଲେ । ସେ କହିଥିଲେ, ଜନତାଙ୍କ ଆକାଂକ୍ଷା ପୂରଣ କରିବା କେବଳ ଏକ ବିଷୟ ନୁହେଁ; ଏହା ଏହି ବଜେଟର ମୂଳ ଲକ୍ଷ୍ୟ ଏବଂ ଏହି ସରକାରଙ୍କ ସଂକଳ୍ପ । ପ୍ରତିରୋଧକ ଏବଂ ସାମଗ୍ରିକ ସ୍ୱାସ୍ଥ୍ୟର ଦୃଷ୍ଟିକୋଣ ଉପରେ ଗୁରୁତ୍ୱାରୋପ କରି ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟ ଭିତ୍ତିଭୂମିର ଦ୍ରୁତ ସୁଦୃଢ଼ୀକରଣ ଏବଂ ବିଶ୍ୱରେ ଯୋଗ ଏବଂ ଆୟୁର୍ବେଦର ଲୋକପ୍ରିୟତା କଥା ଉଲ୍ଲେଖ କରିଥିଲେ । ପ୍ରଧାନମନ୍ତ୍ରୀ କହିଥିଲେ ଯେ ଶହ ଶହ ଜିଲ୍ଲାରେ ମେଡିକାଲ କଲେଜ ଖୋଲାଯାଇଛି; ଏବଂ ଆୟୁଷ୍ମାନ ଭାରତ ଯୋଜନା ଏବଂ ଆରୋଗ୍ୟ ମନ୍ଦିର ମାଧ୍ୟମରେ ସ୍ୱାସ୍ଥ୍ୟସେବା ଉପଲବ୍ଧତା ସଂପ୍ରସାରିତ ହୋଇଛି । ସେ ବିଶେଷ ଭାବରେ ଉଦୀୟମାନ ଯତ୍ନ ଅର୍ଥନୀତ ଏବଂ ବିଶ୍ୱସ୍ତରରେ ଯତ୍ନ ନେଉଥିବା ଲୋକଙ୍କ ପାଇଁ ବର୍ଦ୍ଧିତ ଚାହିଦା ବିଷୟରେ ଉଲ୍ଲେଖ କରିଥିଲେ ଏବଂ ଯୁବପିଢ଼ିଙ୍କୁ ସଶକ୍ତ କରିବା ପାଇଁ ନୂତନ ତାଲିମ ମଡେଲ ବିକଶିତ କରିବାକୁ ବିଶେଷଜ୍ଞମାନଙ୍କୁ ଅନୁରୋଧ କରିଥିଲେ । ସେ କହିଥିଲେ,ମୁଁ ଏହି ୱେବିନାରରେ ଉପସ୍ଥିତ ସ୍ୱାସ୍ଥ୍ୟ କ୍ଷେତ୍ର ବିଶେଷଜ୍ଞମାନଙ୍କୁ ଦେଶରେ ତାଲିମ ଇକୋସିଷ୍ଟମକୁ ଆହୁରି ମଜବୁତ କରିବା ପାଇଁ ନୂତନ ତାଲିମ ମଡେଲ ଏବଂ ସହଭାଗୀତା ପରାମର୍ଶ ଦେବାକୁ ଅନୁରୋଧ କରିବି ।

ମଧ୍ୟପ୍ରାଚ୍ୟରେ ଯୁଦ୍ଧ ବେଳେ ଇଣ୍ଡୋନେସିଆର ବଡ଼ ଘୋଷଣା :

ଭାରତ ଠାରୁ କିଣିବ ବ୍ରହ୍ମୋସ ମିସାଇଲ୍

ଜକାର୍ତ୍ତା,୧୦/୩: ମଧ୍ୟପ୍ରାଚ୍ୟରେ ଯୁଦ୍ଧ ସମୟରେ ଇଣ୍ଡୋନେସିଆର ବଡ଼ ଘୋଷଣା । ଭାରତ ଠାରୁ ବ୍ରହ୍ମୋସ ମିସାଇଲ କିଣିବ ଜକାର୍ତ୍ତା । ଏନେଇ ଇଣ୍ଡୋନେସିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ପ୍ରବକ୍ତା ରିକୋ ରିକାର୍ଡୋ ସାଇରାତ ସୋମବାର ରୟଟର୍ସକୁ ସୂଚନା ଦେଇଛନ୍ତି । ଏ ନେଇ ୨୦୨୩ରେ ବ୍ରହ୍ମୋସ ପକ୍ଷରୁ ସୂଚନା ଦିଆଯାଇ ସାରିଥିଲା । ମିସାଇଲ କିଣିବା ନେଇ କମ୍ପାନୀ ଇଣ୍ଡୋନେସିଆ ସହ ଆଲୋଚନା କରୁଛି ବୋଲି କହିଥିଲା । ଆଉ ସୋମବାର ଇଣ୍ଡୋନେସିଆ ପ୍ରତିରକ୍ଷା ମନ୍ତ୍ରମାଳୟ ଏହା ସ୍ପଷ୍ଟ କରିଛି । ଭାରତ ଏବଂ ରୁଷ ସରକାରଙ୍କ ଜଏଂଟ ଭେଚଂରେ ସ୍ଥାପନ ହୋଇଥିବା କମ୍ପାନୀ ଦୁଇ ଦେଶର ଟେକ୍ନୋଲୋଜୀ ବ୍ୟବହାର କରି ମିସାଇଲ୍ ତିଆରି କରୁଛି । ଯାହାର ନାଁ ବ୍ରହ୍ମୋସ ରଖାଯାଇଛି । ଏହି କମ୍ପାନୀ ୨୦୨୩ରେ ମସିହାରେ ଇଣ୍ଡୋନେସିଆ ସହ ଚୁକ୍ତି କରିବାକୁ ଆଲୋଚନା ଚାଲିଛି ବୋଲି ରୟଟର୍ସକୁ ସୂଚନା ଦେଇଥିଲା । ଏବଂ କହିଥିଲା ଜକାର୍ତ୍ତା ସହିତ ୨୦୦ ରୁ ୩୫୦ ମିଲିଅନ ଡଲାରରୁ ଏକ ଚୁକ୍ତି ପାଇଁ ଆଲୋଚନା ଜାରି ରହିଛି । ଏନେଇ ଇଣ୍ଡୋନେସିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ପ୍ରବକ୍ତା ରିକୋ କହିଛନ୍ତି "ଏହି ଚୁକ୍ତି ମିଲିଟାରୀ ହାର୍ଡୱେୟାର ଏବଂ ବିଶେଷ କରି ସାମୁଦ୍ରିକ କ୍ଷେତ୍ରରେ ପ୍ରତିରକ୍ଷା କ୍ଷମତାର ଆଧୁନିକୀକରଣ କରିବା ପାଇଁ କରାଯାଉଛି ।" ତେବେ ଭାରତ ସହିତ ହୋଇଥିବା ଏହି ଚୁକ୍ତିର ମୂଲ୍ୟ ବିଷୟରେ ସେ କୌଣସି ସୂଚନା ଦେଇ ନାହାନ୍ତି । ସୂଚନା ଥାଉକି ବ୍ରହ୍ମୋସ କମ୍ପାନୀ ୨୦୨୨ ମସିହାରେ ଇଣ୍ଡୋନେସିଆର ଦକ୍ଷିଣ ପୂର୍ବ ଏସୀୟ ପଡ଼ୋଶୀ ଫିଲିପାଇନ୍ସ ସହିତ ମିସାଇଲ୍ ବିକ୍ରି କରିବାକୁ ପ୍ରଥମ ବିଦେଶୀ ଚୁକ୍ତି କରିଥିଲା । ଆଉ ଏବେ ଇଣ୍ଡୋନେସିଆ ସହ ଚୁକ୍ତି ସାଇନ କରିଛି । ତେବେ ରୟଟର୍ସରେ ଏହି ରିପୋର୍ଟ ପ୍ରକାଶ ପାଇଲା ପରେ ବ୍ରହ୍ମୋସ ଏବଂ ଭାରତର ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏହି ନୂଆ ଡେଭଲପ ନେଇ ତୁରନ୍ତ କୌଣସି ମନ୍ତବ୍ୟ ମିଳିପାରି ନାହିଁ । ଆଇଆରଜିସି କହିଛି ଯେ ଯଦି ଆମେରିକା ଏବଂ ଇସ୍ରାଏଲ ଇରାନ ଉପରେ ଆକ୍ରମଣ ଜାରି ରହେ, ତେବେ ସେମାନେ ହର୍ମୁଜ୍ ପ୍ରଣାଳୀ ଦେଇ ଗୋଟିଏ ଲିଟର ମଧ ତେଲ ରପ୍ତାନି କରିବାକୁ ଦେବେ ନାହିଁ ।

ଓଡ଼ିଶାର ୯ଟି ଷ୍ଟେସନ ଦେଇ ଚାଲିବ ଅମୃତ ଭାରତ ଟ୍ରେନ୍



ପ୍ରଧାନମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୦ ।୩(ନି/ପ୍ର) : ଓଡ଼ିଶାରେ ରେଳ ସଂଯୋଗୀକରଣକୁ ପ୍ରୋତ୍ସାହନ । କେନ୍ଦ୍ର ସରକାର ତାମିଲନାଡୁର କୋଏମ୍ବାଟୁର ଜିଲ୍ଲା ପୋନ୍ନୁର ଏବଂ ଝାଡ଼ଖଣ୍ଡର ଧାନବାଦକୁ ସଂଯୋଗ କରିବା ପାଇଁ ଏକ ନୂତନ ଅମୃତ ଭାରତ ଟ୍ରେନ୍ ସେବା ଆରମ୍ଭ ପାଇଁ ଅନୁମୋଦନ ପ୍ରଦାନ କରିଛନ୍ତି । କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏକ ଚିଠି ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏହି ସୂଚନା ଦେଇଛନ୍ତି । ତେବେ ଏହି ଅମୃତ ଭାରତ ଟ୍ରେନ୍ ଓଡ଼ିଶା-ତାମିଲନାଡୁ-ଝାଡ଼ଖଣ୍ଡ ମଧ୍ୟରେ ରେଳ ସେବାକୁ ଅଧିକ ସୁଦୃଢ଼ କରିବ ବୋଲି ଚିଠିରେ ଉଲ୍ଲେଖ ରହିଛି । ସେପଟେ ରାଜ୍ୟରେ ରେଳ ସଂଯୋଗୀକରଣରେ ଉଲ୍ଲେଖନୀୟ ଭାବରେ ବୃଦ୍ଧିକୁ ନେଇ ମୁଖ୍ୟମନ୍ତ୍ରୀ ମହୋନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଏକ୍ସରେ ପୋଷ୍ଟ କରି ଧନ୍ୟବାଦ ଜଣାଇଛନ୍ତି । ନୂତନ ଭାବେ ଅନୁମୋଦନ ପାଇଥିବା ଅମୃତ ଭାରତ ଟ୍ରେନ୍ ଝାଡ଼ଖଣ୍ଡ ପହଚିଂବା ପୂର୍ବରୁ ରାୟଗଡା, ମୁନିଗୁଡ଼ା, କେସିଙ୍ଗା, ଟିଟଲାଗଡ଼, ବଲାଙ୍ଗୀର, ବରଗଡ ରୋଡ୍, ସମ୍ବଲପୁର, ଝାରସୁଗୁଡା ଏବଂ ରାଉରକେଲା ସମେତ ଓଡ଼ିଶାର ଅନେକ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନ ଦେଇ ଯିବ । ଏହି ରେଳ ସେବା ଆରମ୍ଭ ହେବା ଦ୍ୱାରା ପଶ୍ଚିମ ଏବଂ ଦକ୍ଷିଣ ଓଡ଼ିଶାର ଯାତ୍ରୀମାନେ ଯାତ୍ରା ଲାଭ ଉଠାଇ ପାରିବେ । ତତ୍ ସହିତ ଦକ୍ଷିଣ ଭାରତ ଏବଂ ଦେଶର ଅନ୍ୟାନ୍ୟ ସ୍ଥାନକୁ ସହଜ ଯାତ୍ରାର ବିକଳ୍ପ ସୃଷ୍ଟି ହେବ । ପଶ୍ଚିମ ଏବଂ ଦକ୍ଷିଣ ଓଡ଼ିଶାରୁ ଦକ୍ଷିଣ ଭାରତ ଏବଂ ଝାଡ଼ଖଣ୍ଡକୁ ଯାତ୍ରା କରୁଥିବା ଛାତ୍ରଛାତ୍ରୀ, ଶ୍ରମିକ, ବ୍ୟବସାୟୀ ଏବଂ ଯାତ୍ରୀମାନଙ୍କୁ ମଧ ସାହାଯ୍ୟ କରିବ । ଏହି ମଞ୍ଜୁରୀକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଓଡ଼ିଶାରେ ରେଳ ସଂଯୋଗୀକରଣକୁ ଉନ୍ନତ କରିବା ଏବଂ ରାଜ୍ୟବାସୀଙ୍କ ପାଇଁ ଉତମ ପରିବହନ ସୁବିଧା ସୁନିଶ୍ଚିତ କରିବା ପାଇଁ ନିରନ୍ତର ପ୍ରୟାସର ଏକ ଗୁରୁତ୍ୱପୂର୍ଣ୍ଣ ଫଳାଫଳ ଭାବରେ ଦେଖାଯାଉଛି । ନୂତନ ଅମୃତ ଭାରତ ଟ୍ରେନ୍ ଆଂଚଳିକ ସଂଯୋଗୀକରଣକୁ ସୁଦୃଢ଼ କରିବ ଏବଂ ଓଡ଼ିଶାର ସାମଗ୍ରିକ ବିକାଶରେ ଯୋଗଦାନ ଦେବ ବୋଲି ଆଶା କରାଯାଉଛି ।

୩ ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିବ ତାତି

ଭୁବନେଶ୍ୱର,୧୦/୩(ନି/ପ୍ର): ରାଜ୍ୟର ବିଭିନ୍ନ ଅଂଚଳରେ ତାପମାତ୍ରା ବଢୁଛି । ଝାରସୁଗୁଡ଼ାରେ ଦିନ ତାପମାତ୍ରା ୩୮ଡିଗ୍ରୀ ଛୁଇଁଥିବା ବେଳେ ୧୫ଟି ଅଂଚଳରେ ୩୫ଡିଗ୍ରୀ ଟପିଛି । ପାଣିପାଗ ବିଭାଗର ପୂର୍ବାନୁମାନ ଆସନ୍ତା ୨ଦିନ ପରେ ରାଜ୍ୟର ସର୍ବାଧିକ ତାପମାତ୍ରା ୨ରୁ ୩ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିବ । ତାତି ୪୦ଡିଗ୍ରୀ ଟପିବାର ସମ୍ଭାବନା ରହିଛି । ଗତ ୨୪ଘଟାଂରେ ବାରିପଦାରେ ଦିନ ତାପମାତ୍ରା ୩୫ ଡିଗ୍ରୀ ଛୁଇଁଥିବା ବେଳେ ସମ୍ବଲପୁରରେ ୩୬.୪, ସୁନ୍ଦରଗଡ଼ରେ ୩୬.୮, ହୀରାକୁଦରେ ୩୬.୪,

ଜୋରଦାର ଆକ୍ରମଣଣ କଲେ ବନ୍ଦ କରିଦେବି ବାବ୍-ଏଲ୍-ମାଣ୍ଡେବ୍ ପ୍ରଣାଳୀ



ତେହେରାନ,୧୦/୩: ଆମେରିକା -ଇସ୍ରାଏଲ ଆକ୍ରମଣ ପରେ ଇରାନ ହର୍ମୁଜ୍ ପ୍ରଣାଳୀକୁ ନିଜ ନିୟନ୍ତ୍ରଣକୁ ନେଇସାରିଛି । ଫଳରେ ଶକ୍ତି ଯୋଗାଣ ଅବରୋଧ ହେବା ଦ୍ୱାରା ବିଶ୍ୱ ସ୍ତରରେ ତେଲ ମୂଲ୍ୟ ବୃଦ୍ଧି ପାଇଛି । ଯଦି ଆମେରିକା ଇରାନ ବିରୋଧରେ ଜାରି ରହିଥିବା ସାମରିକ ଅଭିଯାନକୁ ଜୋରଦାର୍ କରିବାକୁ ନିଷ୍ପତି ନିଏ, ତେବେ ତେହେରାନର ଆରବ ଉପଦ୍ୱୀପରେ ବାବ୍-ଏଲ୍-ମାଣ୍ଡେବ୍‌ର ଆଉ ଏକ ରଣନୈତିକ ପ୍ରଣାଳୀକୁ ଅବରୋଧ କରିବାକୁ ଯୋଜନା କରୁଥିବା ଜଣାପଡ଼ିଛି । ଇରାନ ମିଲିଟାରୀ ମନିଟର ଅନୁଯାୟୀ, ମୋଜତାବା ଖେମିନିଙ୍କୁ ସର୍ବୋଚ୍ଚ ନେତା ଭାବରେ ମନୋନୀତ କରାଯାଇଛି । ଏନେଇ ଯଦି ଆମେରିକା କିମ୍ବା ଇସ୍ରାଏଲ ଇରାନ ନେତୃତ୍ୱ ବିରୋଧରେ ଆକ୍ରମଣ କରନ୍ତି, ତେବେ ଇସଲାମିକ ଗଣରାଜ୍ୟ ପାରସ୍ୟ ଉପସାଗର ଏବଂ ବାବ୍-ଏଲ୍-ମାଣ୍ଡେବ୍ ପ୍ରଣାଳୀକୁ ବନ୍ଦ କରିବ । ବାବ୍ ଏଲ୍-ମାଣ୍ଡେବ୍ ପ୍ରଣାଳୀ ଏକ ସଂକୀର୍ଣ୍ଣ ଏବଂ ରଣନୈତିକ ଭାବରେ ଗୁରୁତ୍ୱପୂର୍ଣ୍ଣ ଜଳପଥ ଯାହା ଲୋହିତ ସାଗରକୁ ଆଡେନ୍ ଉପସାଗର ସହିତ ସଂଯୋଗ କରିଥାଏ । ସ୍ୱେଜ୍ କେନାଲ ମାଧ୍ୟମରେ ଭୂମଧ୍ୟସାଗର ଏବଂ ଭାରତ ମହାସାଗର ମଧ୍ୟରେ ଏହା ଏକ ପ୍ରମୁଖ ସାମୁଦ୍ରିକ ସଂଯୋଗ ସ୍ଥାପନ କରିଥାଏ । ଏହା ଆରବୀୟ ଉପଦ୍ୱୀପର ୟେମେନ୍ ଏବଂ ଆଫ୍ରିକାର ହର୍ଣ୍ଣରେ ଜିବୁତି ମଧ୍ୟରେ ଅବସ୍ଥିତ । ଏହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ନୌପରିବହନ ଅବରୋଧକ ଭାବରେ କାର୍ଯ୍ୟ କରେ । ଯୁଦ୍ଧ ଯୋଗୁଁ ଉପସାଗରୀୟ ଅଂଚଳର ଏକ ଗୁରୁତ୍ୱପୂର୍ଣ୍ଣ ଜଳପଥ ହର୍ମୁଜ୍ ପ୍ରଣାଳୀ ପ୍ରାୟତଃ ବନ୍ଦ ହୋଇଯିବା ପରେ ଇରାନର ଧମକ ଆସିଛି । ସଂଘର୍ଷର ପ୍ରଥମ କିଛି ଦିନରେ ଇରାନ ପ୍ରଣାଳୀକୁ ବନ୍ଦ ଘୋଷଣା କରିବା ଏବଂ ସେହି ମାର୍ଗରେ ଯାତ୍ରା କରିବାକୁ ଚେଷ୍ଟା କରୁଥିବା କିଛି ଜାହାଜ ଉପରେ ଆକ୍ରମଣ କରିବା ଯୋଗୁଁ ବ୍ୟସ୍ତବହୁଳ ପ୍ରଣାଳୀ ଦେଇ ଜାହାଜ ଚଳାଚଳ ହ୍ରାସ ପାଇଛି ।

ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁଁ ପାକିସ୍ତାନରେ ସଙ୍କଟ : ସ୍କୁଲ ଦୁଇ ସପ୍ତାହ ପାଇଁ ବନ୍ଦ

ଇସଲାମାବାଦ,୧୦/୩: ଇରାନ ବିରୋଧରେ ଆମେରିକା ଓ ଇସ୍ରାଏଲର ଯୁଦ୍ଧ ପାକିସ୍ତାନ ପାଇଁ ବଡ଼ ବିପର୍ଯ୍ୟୟ ପାଲଟିଛି । ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ଦେଶର ତୈଳ ସଂରକ୍ଷଣ ପାଇଁ ଅନେକ କଠୋର ପଦକ୍ଷେପ ଘୋଷଣା କରିଛନ୍ତି । ତେଲ ଏବଂ ଗ୍ୟାସ୍ ପାଇଁ ଉପସାଗରୀୟ ଦେଶମାନଙ୍କ ଉପରେ ନିର୍ଭରଶୀଳ ଥିବା ପାକିସ୍ତାନ ସରକାର ପେଟ୍ରୋଲ ମୂଲ୍ୟ ୨୦ ପ୍ରତିଶତ ବୃଦ୍ଧି କରିଛନ୍ତି । ଏହା ଫଳରେ ଦେଶର ବିଭିନ୍ନ ପେଟ୍ରୋଲ ପମ୍ପରେ ଲମ୍ବା ଲାଇନ ଲାଗିଛି । ତେଲ ଅଭାବବରୁ ସରକାର ଦୁଇ ସପ୍ତାହ ପାଇଁ ସ୍କୁଲ ବନ୍ଦ କରିବାକୁ ଘୋଷଣା କରିଛନ୍ତି । ସରିଫ ଏହି ନିଷ୍ପତ୍ତିକୁ କଠୋର ବୋଲି କହିଛନ୍ତି । ସେ କହିଛନ୍ତି ଆମେ ମୂଲ୍ୟ ବୃଦ୍ଧିକୁ ଏଡାଇବାକୁ ଚାହୁଁଛୁ । କାରଣ ଏହା ଜନସାଧାରଣଙ୍କ ଉପରେ ପ୍ରଭାବ ପକାଇବ । ଏକ ଟେଲିଭିଜନ ଭାଷଣରେ ସେ କହିଛନ୍ତି ଏଭଳି ପଦକ୍ଷେପଗୁଡ଼ିକ ଆବଶ୍ୟକ । ସେ ଚେତାବନୀ ଦେଇଛନ୍ତି, ଶକ୍ତି ସଙ୍କଟ ଏବେ ଏକ ନୂଆ ସମସ୍ୟାରେ ପରିଣତ ହୋଇଛି । ପରିସ୍ଥିତିକୁ ଅଧିକ ଖରାପ ହେବାରୁ ରୋକିବା ପାଇଁ ମନ୍ତ୍ରୀମାନେ ଅନେକ ନିଷ୍ପତ୍ତି ନେଇଛନ୍ତି । ବ୍ୟାଙ୍କ ବ୍ୟତୀତ ସରକାରୀ କାର୍ଯ୍ୟାଳୟଗୁଡ଼ିକ ସପ୍ତାହରେ କେବଳ ଚାରି ଦିନ କାମ କରିବ । ଅଧା କର୍ମଚାରୀଙ୍କୁ ଘରୁ କାମ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସ୍କୁଲଗୁଡ଼ିକୁ ଦୁଇ ସପ୍ତାହ ପାଇଁ ବନ୍ଦ ରଖାଯାଇଛି । ଦୁଇ ସପ୍ତାହ ପରେ, ଅନଲାଇନ୍‌ରେ କ୍ଲାସ୍ କରାଯିବ । ଆମ୍ବୁଲାନ୍ସ ବ୍ୟତୀତ ସରକାରୀ ଯାନବାହାନ ପାଇଁ ଇନ୍ଧନ ଭତା ଆଗାମୀ ଦୁଇ ମାସ ପାଇଁ ୫୦ ପ୍ରତିଶତ ହ୍ରାସ କରାଯାଇଛି । ବୈଠକରେ ସରକାରୀ କର୍ମଚାରୀଙ୍କ ଦରମା ଦୁଇ ମାସ ପାଇଁ ୨୫ ପ୍ରତିଶତ ହ୍ରାସ କରିବାକୁ ନିଷ୍ପତ୍ତି ନିଆଯାଇଛି । ନୂତନ ଉପକରଣ କ୍ରୟ ବନ୍ଦ କରାଯିବ ଏବଂ ବିଦେଶ ଯାତ୍ରା ଉପରେ ପ୍ରତିବନ୍ଧକ ଲଗାଯିବ । ଶାହବାଜ ସରିଫ କହିଛନ୍ତି, କେବଳ ଜାତୀୟ ସ୍ୱାର୍ଥ ପାଇଁ ଅତ୍ୟାବଶ୍ୟକ ଯାତ୍ରାକୁ ଅନୁମତି ଦିଆଯିବ । ଅନଲାଇନ୍ ବୈଠକକୁ ପ୍ରାଥମିକତା ଦିଆଯିବ । ସରକାରୀ ରାତ୍ରୀଭୋଜନ ଏବଂ ଇଫତାର ପାର୍ଟି ଉପରେ ନିଷେଧ କରାଯାଇଛି । ହୋଟେଲ ବଦଳରେ ସରକାରୀପରିସରରେ ସେମିନାର ଏବଂ ସମ୍ମିଳନୀ ଅନୁଷ୍ଠିତ ହେବ ।

ଟ୍ରମ୍ପ-ପୁଟିନ ବାର୍ତ୍ତାଳାପ

ମସ୍କୋ,୧୦/୩: ଦୁଇ ମହାଶକ୍ତି ତଥା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ମଧ୍ୟରେ ଟେଲିଫୋନରେ ବାର୍ତ୍ତାଳାପ କରିଛନ୍ତି । ଟେଲିଫୋନ କଲ୍ ସମୟରେ ଇରାନ ଯୁଦ୍ଧ ଏବଂ ୟୁକ୍ରେନ ବିବାଦ ଉପରେ ଦୁଇମହାଶକ୍ତିର ରାଷ୍ଟ୍ରପତି ଆଲୋଚନା କରିଥିଲେ । ଏହି ଆଲୋଚନା ସମୟରେ ଆମେରିକା-ଇସ୍ରାଏଲ ସହିତ ଇରାନର ଯୁଦ୍ଧ ଓ ରୁଷ ସହିତ ୟୁକ୍ରେନ ଯୁଦ୍ଧର ସମାଧାନ ପାଇଁ ଆମେରିକାର ପ୍ରତିନିଧିମାନଙ୍କ ସହିତ ଚାଲିଥିବା ଦ୍ୱିପାକ୍ଷିକ ଆଲୋଚନା ଉପରେ ଗୁରୁତ୍ୱ ଦିଆଯାଇଥିବା ନେଇ ପୁଟିନଙ୍କ କୂଟନୈତିକ ପରାମର୍ଶଦାତା ସୂଚନା ଦେଇଛନ୍ତି । ଡିସେମ୍ବର ପରେ ପ୍ରଥମଥର ପାଇଁ ଦୁଇ ମହାଶକ୍ତି ଏକ ଘଟାଂଧରି ଫୋନରେ ବାର୍ତ୍ତାଳାପ କରିଥିଲେ । ପୁଟିନଙ୍କ କୂଟନୈତିକ ପରାମର୍ଶଦାତା କହିଛନ୍ତି ଯେ ପୁଟିନ ଇରାନ ବିରୁଦ୍ଧରେ ଆମେରିକା-ଇସ୍ରାଏଲ ଯୁଦ୍ଧର "ଶୀଘ୍ର ରାଜନୈତିକ ଏବଂ କୂଟନୈତିକ ସମାଧାନ" ପାଇଁ ଆହ୍ୱାନ କରିଛନ୍ତି, ଯାହା ରୁଷ ପାଇଁ ଏକ ପ୍ରମୁଖ ସହଯୋଗୀ ହୋଇଛି । ତାହା ସହ ୟୁକ୍ରେନର ଯୁଦ୍ଧ ସ୍ଥିତିକୁ ସମ୍ପର୍କରେ ମଧ ଟ୍ରମ୍ପଙ୍କୁ ଜଣାଇଥିଲେ ପୁଟିନ । ଏହି ଯୁଦ୍ଧରେ ଯେଉଁଠାରେ ରୁଷ ସୈନ୍ୟମାନେ ବହୁତ ସଫଳତା ସହିତ ଅଗ୍ରଗତି କରୁଛନ୍ତି ବୋଲି ପୁଟିନ ଟ୍ରମ୍ପଙ୍କୁ କହିଛନ୍ତି ।

କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

କେନ୍ଦୁଝରରେ ରାଜ୍ୟ ବଜେଟ୍ ସମ୍ପର୍କିତ ସାମ୍ବାଦିକ ସମ୍ମିଳନୀ :

କେନ୍ଦୁଝର,୧୦/୩ (ନି/ପ୍ର) : ଓଡ଼ିଶା ସରକାରଙ୍କ ୨୦୨୬-୨୭ ଆର୍ଥିକ ବର୍ଷର ରାଜ୍ୟ ବଜେଟ୍ ସମ୍ପର୍କରେ ସୂଚନା ପ୍ରଦାନ କରିବା ନିମନ୍ତେ କେନ୍ଦୁଝରଠାରେ ଏକ ସାମ୍ବାଦିକ ସମ୍ମିଳନୀ ରେ ମନ୍ତ୍ରୀ ଶ୍ରୀ ଗଣେଶରାମ ସିଂଖୁଁଟିଆ ଯୋଗଦେଇ ବଜେଟର ବିଭିନ୍ନ ଦିଗ ଓ ଜନକଲ୍ୟାଣକାରୀ ଯୋଜନା ବିଷୟରେ ବିସ୍ତୃତ ଆଲୋଚନା କରିଛନ୍ତି । ପ୍ରଥମେ ସେ ଆନ୍ତର୍ଜାତିକ ମହିଳା ଦିବସ ର ଶୁଭେଚ୍ଛା ଦେଇଥିଲେ । ଏହାପରେ ବଜେଟ ସମ୍ପର୍କ ରେ ତଥ୍ୟ ଉପସ୍ଥାପନ କରି କହିଥିଲେ ଯେ ରାଜ୍ୟର ସର୍ବାଙ୍ଗୀନ ବିକାଶକୁ ଆଖିରେ ରଖି ୩ ଲକ୍ଷ ୧୦ ହଜାର କୋଟି ଟଙ୍କାର ବଜେଟ୍ ଘୋଷଣା କରାଯାଇଛି । ଏହି ବଜେଟରେ ଶିକ୍ଷା, ସାମାଜିକ ସୁରକ୍ଷା, ନାଗରିକ ସେବା, ଗ୍ରାମୀଣ ବିକାଶ ଓ ପ୍ରଶାସନିକ ସଂସ୍କାର ପରି ୬ଟି ପ୍ରମୁଖ ସ୍ତମ୍ଭ ଉପରେ ଗୁରୁତ୍ୱ ଦିଆଯାଇଛି । ଆର୍ଥିକ ଅଭିବୃଦ୍ଧି ଓ ପୁଞ୍ଜି ବିନିଯୋଗରାଜ୍ୟର ଅର୍ଥନୀତିକୁ ଗତିଶୀଳ କରିବା ପାଇଁ ପୁଞ୍ଜି ନିବେଶକୁ ୫୮% ବୃଦ୍ଧି କରାଯାଇଛି । ରାଜ୍ୟର ସକଳ ଘରୋଇ ଉତ୍ପାଦ ବର୍ତ୍ତମାନ ୪୨,୯୫୨ କୋଟି ଟଙ୍କା ରହିଛି, ଯାହା ପୂର୍ବ ବର୍ଷ ତୁଳନାରେ ୧୨% ଅଧିକ । ସରକାରୀ ଖର୍ଚ୍ଚକୁ ସନ୍ତୁଳିତ ରଖିବା ପାଇଁ ଏକ ନିର୍ଦ୍ଦିଷ୍ଟ ସୀମା ମଧ୍ୟରେ ରଖାଯାଇଛି । ନୂଆ ଆମ୍ବୁଲାନ୍ସ ସେବା ଏବଂ ସ୍ୱାସ୍ଥ୍ୟ କାର୍ଡ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ମାଧ୍ୟମରେ ପ୍ରତିଟି ନାଗରିକଙ୍କ ପାଖରେ ସ୍ୱାସ୍ଥ୍ୟ ସେବା ପହଁଚାଇବାକୁ ଲକ୍ଷ୍ୟ ରଖାଯାଇଛି । ମହିଳା ଓ ଶିଶୁ କଲ୍ୟାଣମହିଳାଙ୍କ ସଶକ୍ତିକରଣ ପାଇଁ ୫୦୦୦ କୋଟି ଟଙ୍କାର ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରାଯାଇଛି । 'ମିଶନ ଶକ୍ତି' ପାଇଁ ୨୮୦୪ କୋଟି ଟଙ୍କା ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ଅଧୀନରେ 'ମଡେଲ ସ୍କୁଲ' ଏବଂ 'ଏକଲବ୍ୟ ବିଦ୍ୟାଳୟ'ର ଉନ୍ନତିକରଣ ପାଇଁ ବଡ଼ ଅଙ୍କର ପାଣ୍ଠି ବରାଦ ହୋଇଛି । ଶିକ୍ଷା କ୍ଷେତ୍ରରେ ଉନ୍ନତି ପାଇଁ 'ସମଗ୍ର ଶିକ୍ଷା' ଯୋଜନାରେ ୩,୮୦୫ କୋଟି ଟଙ୍କା ରଖାଯାଇଛି । ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପାଇଁ ୧,୨୨୪ କୋଟି ଟଙ୍କାର ବ୍ୟୟବରାଦ ହୋଇଛି, ଯାହାଦ୍ୱାରା କେନ୍ଦୁଝର ଜିଲ୍ଲାବାସୀ ଉପକୃତ ହେବେ । ନିଯୁକ୍ତି ଓ ବୈଷୟିକ ବିକାଶରାଜ୍ୟରେ ୫୦,୦୦୦ରୁ ଅଧିକ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇଛି । ଆଧୁନିକ ଯୁଗ ସହ ତାଳ ଦେଇ ସବୁ କ୍ଷେତ୍ରରେ ଏଆଇ,। କୃତ୍ରିମ ବୁଦ୍ଧିମତ୍ତା କୁ ଗୁରୁତ୍ୱ ଦିଆଯାଉଛି । ଯୁବପିଢ଼ିଙ୍କ ଦକ୍ଷତା ବୃଦ୍ଧି ପାଇଁ ବିଭିନ୍ନ ଇନଷ୍ଟିଚ୍ୟୁଟ୍ ମାଧ୍ୟମରେ 'ଦକ୍ଷତା ବିକାଶ' ପ୍ରୋଗ୍ରାମ ଚାଲିଛି । ଏଥିସହ ଶିଳ୍ପ ଭିତ୍ତିଭୂମିର ରକ୍ଷଣାବେକ୍ଷଣ ପାଇଁ 'ଶିଳ୍ପ ରକ୍ଷଣାବେକ୍ଷଣ' ପାଣ୍ଠି ଗଠନ କରାଯାଇଛି । କେନ୍ଦୁଝର ଜିଲ୍ଲା ପାଇଁ ସ୍ୱତନ୍ତ୍ର ଡିପିଆର ପ୍ରସ୍ତୁତ କରାଯାଇଛି । ପୂର୍ବ ସରକାରଙ୍କ ଅଧା ରହିଥିବା କାମଗୁଡିକୁ ତୁରନ୍ତ ଶେଷ କରିବାକୁ କାର୍ଯ୍ୟ ଜାରି ରହିଛି । ଚାଷୀଙ୍କ ପାଇଁ ସମୃଦ୍ଧ କୃଷକ ଯୋଜନା ଅଧୀନରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କାକୁ ବୃଦ୍ଧି କରାଯାଇଛି । କଫି ଚାଷ ପାଇଁ ୧୫୦ କୋଟି ଏବଂ ବଳଭଦ୍ର ଜୈବିକ ଚାଷ ମିଶନ ପାଇଁ ୨୮ କୋଟି ଟଙ୍କାର ବ୍ୟୟବରାଦ ହୋଇଛି । କେନ୍ଦୁଝର ଜିଲ୍ଲାରେ ଚାଷୀମାନଙ୍କ ପାଇଁ ଆଧୁନିକ ଗୋଦାମ ଘର ଓ ମଡେଲ ମଣ୍ଡି ନିର୍ମାଣ କରାଯିବ । ଏଥିସହ ମୁଖ୍ୟମନ୍ତ୍ରୀ-କିଷାନ ଯୋଜନା ପାଇଁ ୨,୦୩୦ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି ଏବଂ ବୁଣାକାରଙ୍କ ପାଇଁ 'ମୁଖ୍ୟମନ୍ତ୍ରୀ ହସ୍ତତନ୍ତ ଯୋଜନା' କାର୍ଯ୍ୟକାରୀ କରାଯାଇଛି । ଜିଲ୍ଲାରେ ଜଳସେଚନ ସୁବିଧା ପାଇଁ ୨୦,୦୦୦ ଗଭୀର ନଳକୂପ ଖନନ ଏବଂ ଉଠା ଜଳସେଚନ ପ୍ରକଳ୍ପକୁ କାର୍ଯ୍ୟକାରୀ କରାଯିବ । ମୁଖ୍ୟମନ୍ତ୍ରୀ ଆଡିବନ୍ଧ ତିଆରି ଯୋଜନାରେ ଅନେକ ନୂତନ ଚେକ୍‌ଡ୍ୟାମ୍ ନିର୍ମାଣ କରାଯିବ । ଜଳ ଜୀବନ ମିଶନ' ଏବଂ 'ସୁଜଳା' ଯୋଜନା ମାଧ୍ୟମରେ କେନ୍ଦୁଝରର ପ୍ରତିଟି ପରିବାରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଛି । ଓଡ଼ିଶାକୁ ଏକ 'ପର୍ଯ୍ୟଟନ ସ୍ଥଳୀ' ଭାବେ ଗଢ଼ିବାକୁ ବହୁ ନୂତନ ପଦକ୍ଷେପ ନିଆଯାଇଛି । ଯୁବପିଢ଼ିଙ୍କ ଉନ୍ନତି ପାଇଁ କ୍ରୀଡ଼ା କ୍ଷେତ୍ରରେ ୧,୩୫୯ କୋଟି ଟଙ୍କା ବ୍ୟୟ କରାଯିବ, ଯାହାଦ୍ୱାରା ଜିଲ୍ଲାର କ୍ରୀଡ଼ାବିତ୍‌ମାନେ ଉନ୍ନତ ପ୍ରଶିକ୍ଷଣ ଓ ଭିତ୍ତିଭୂମି ପାଇପାରିବେ । ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ଜଙ୍ଗଲ ବିଭାଗ ପକ୍ଷରୁ ବ୍ୟାପକ ବୃକ୍ଷରୋପଣ ଓ ସଂରକ୍ଷଣ କାର୍ଯ୍ୟ କରାଯିବା କୁ ଯୋଜନା କରାଯାଇଛି । ଏହି ବଜେଟ୍ ଓଡ଼ିଶାର ଗ୍ରାମୀଣ ଏବଂ ସହରାଞ୍ଚଳର ବିକାଶ ମଧ୍ୟରେ ସନ୍ତୁଳନ ରକ୍ଷା କରିବା ସହ ରାଜ୍ୟକୁ ଏକ ନୂତନ ଶିଖରରେ ପହଁଚାଇବ ବୋଲି ଆଶା କରାଯାଉଛି । ଏହି ସମ୍ମିଳନୀରେ କେନ୍ଦୁଝରଗଡ଼ ପୌରପାଳିକା ଅଧ୍ୟକ୍ଷା ଶ୍ରୀମତୀ ନିକୁ ସାହୁ ଓ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ । ମନ୍ତ୍ରୀ ବଜେଟ ସମ୍ପର୍କିତ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବା ସହ ଆଗାମୀ ଦିନରେ କେନ୍ଦୁଝର ଜିଲ୍ଲା କିପରି ବିକାଶର ନୂଆ ଶିଖର ଛୁଇଁବ, ସେ ନେଇ ମତାମତ ରଖିଥିଲେ ।

କେନ୍ଦୁଝର ସରକାରୀ ମହିଳା ମହାବିଦ୍ୟାଳୟରେ ଆନ୍ତର୍ଜାତିକ ମହିଳା ଦିବସ

କେନ୍ଦୁଝର,୧୦/୩ (ନି/ପ୍ର): ସବୁଦିନ ନାରୀର ଦିନ ହେଉ । ଯାହା କହୁଛନ୍ତି, ତାକୁ କାମରେ ଲଗାଇଲେ-ନାରୀ ଦିବସର ସାର୍ଥକତା ପ୍ରତିପାଦିତ ହେଇପାରିବ ତତ୍ ସହିତ ସୁସ୍ଥ ଶରୀର ଓ ସକାରାତ୍ମକ ମନୋଭାବ ଦ୍ୱାରା ଆମର ଦୃଷ୍ଟିକୋଣ ଓ ପରିସ୍ଥିତି ପ୍ରତିଟି କାର୍ଯ୍ୟରେ ସଫଳତା ଆଣିଦେବ ବୋଲି ଆନ୍ତର୍ଜାତିକ ମହିଳା ଦିବସରେ କହିଛନ୍ତି, ମହାବିଦ୍ୟାଳୟର ଅଧ୍ୟକ୍ଷ ଲଳିତ ରଂଜନ ସାହୁ । ସରକାରୀ ମହିଳା ମହାବିଦ୍ୟାଳୟ, କେନ୍ଦୁଝରରେ 'ନାରୀ ସଶକ୍ତିକରଣ : ସୁସ୍ଥ ସମାଜ, ସମ୍ପୂର୍ଣ୍ଣ । ଆଜିର ନାରୀ-ବିଷୟକ ଆୟୋଜିତ ଆନ୍ତର୍ଜାତିକ ମହିଳା ଦିବସରେ ଅଧ୍ୟକ୍ଷ ଲଳିତ ରଂଜନ ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସସ୍ମିତା ନନ୍ଦିନୀ ତ୍ରିପାଠୀ ଯୋଗଦେଇ ନାରୀର ଅଧିକାର ଓ ନାରୀ ନିଜର ସୁରକ୍ଷା ପାଇଁ କ'ଣ ପଦକ୍ଷେପ ନେଇପାରିବ, ସେ ସମ୍ପର୍କରେ ଛାତ୍ରୀମାନଙ୍କୁ ସଚେତନ କରିଥିଲେ । ସମ୍ମାନିତ ଅତିଥି ସ୍ୱିରିଜା ପ୍ରତିଷ୍ଠାତା ପ୍ରଗତିକା ମହାନ୍ତି - ସମୟକୁ ବିନିଯୋଗ କରି ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ପାଇଁ ଯୋଗ, ପ୍ରାଣାୟାମ ଓ ନୃତ୍ୟ ଯେପରି ଆବଶ୍ୟକ ଉତ୍ତମ ନିଦ୍ରାର ମଧ୍ୟ ଆବଶ୍ୟକତା ରହିଛି, ଏଥିପ୍ରତି ଦୃଷ୍ଟି ଦେବା ଉଚିତ୍ । ସମ୍ମାନିତ ଅତିଥି ଷ୍ଟାର ଏକାଡେମୀ ପ୍ରତିଷ୍ଠାତା ଶ୍ରୀମତୀ ସୁନିତା ମହାନ୍ତି କହିଥିଲେ - ନାରୀ ହସିଲେ ଦୁନିଆ ହସିବ ଓ ତା'ର ଦାୟିତ୍ୱ କର୍ତ୍ତବ୍ୟ ପରାୟଣତା ବଳରେ ଅର୍ଥନୀତିକୁ ସୁଦୃଢ଼ କରିପାରିବ । ସମ୍ମାନିତ ଅତିଥି ଶିଶୁ ମଙ୍ଗଳ ସମିତି ଓ ବରିଷ୍ଠ ଆଇନଜୀବୀ ସୋନାଲି ସିଂ ଶିଶୁର ମୌଳିକ ଅଧିକାର ବିଷୟରେ କହିବା ସହ ବାଲ୍ୟବିବାହ, ନିଶା ନିବାରଣ ବିଷୟରେ ସଚେତନ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଅମ୍ରିତା ପଟ୍ଟନାୟକ ଯୋଗ ଦେଇ କହିଥିଲେ - ଅର୍ଥନୀତିର ସ୍ୱାଧୀନତା ଦ୍ୱାରା ମହିଳାଟିଏ ଅର୍ଥକୁ ନିୟନ୍ତ୍ରଣ କରି ପରିବାରକୁ ଆଗକୁ ବଢ଼ାଏ । ଏହି ଅବସରରେ କ୍ଷୁଦ୍ରଗଳ୍ପ 'ମହ୍ଲାର' ନାମକ ସିନେମା ପୋଷ୍ଟର ପ୍ରଦର୍ଶନ କରାଯାଇଥିଲା, ଯାହା ବାଲ୍ୟବିବାହ ଉପରେ ଆଧାରିତ । ସଭାର ମଂଚ ପରିଚାଳନା କରିଥିଲେ ଛାତ୍ରୀ ସୁମନା ମହାନ୍ତି ଓ ଶୃତି ସଂଗୀତା ଶୁକ୍ଳା । । ମଂଚରେ ଉପସ୍ଥିତ ଥିଲେ ମଧ୍ୟ ଆଭ୍ୟନ୍ତରୀଣ କମିଟି ମୁଖ୍ୟ ଶ୍ରୀମତୀ ଗୀତାଞ୍ଜଳି ନାୟକ ଓ ଆଲ୍ଟା ସରିତା ମହାନ୍ତି, ତାଙ୍କ ଦିଗଦର୍ଶକ ଛାତ୍ରୀ ମାନଙ୍କୁ ପ୍ରେରଣା ଯୋଗାଇଥିଲା । ଛାତ୍ରୀ ପୂଜା କର୍ମକାର ବକ୍ତବ୍ୟ ରଖି କହିଥିଲେ ନାରୀ ନିଜକୁ ଶକ୍ତ କଲେ ସବୁକିଛି କରିପାରିବ । ଏହି ଅବସରରେ କାହାଣୀ ପ୍ରତିଯୋଗିତାର ସୁନ୍ଦର ଓ ସୃଜନଶୀଳ ଲେଖା ପାଇଁ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ଆଭ୍ୟନ୍ତରୀଣ କମିଟି ମୁଖ୍ୟ ଶ୍ରୀମତୀ ଗୀତାଞ୍ଜଳି ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

ମାତୃଭୂମି ପାଇଁ ଗଣଦୌଡ଼, ସାମିଲ୍ ହେଲେ ହଜାର ହଜାର ଶ୍ରୀରାମ ଭକ୍ତ

ଭଦ୍ରକ,୧୦/୩(ନି/ପ୍ର): ଶ୍ରୀରାମ ମହାଯଜ୍ଞ ସମିତି, ଭଦ୍ରକ ଆନୁକୁଲ୍ୟରେ ରବିବାର ମାତୃଭୂମି ପାଇଁ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି । ଏହି ଗଣଦୌଡ଼ ସକାଳ ୭ଟାରେ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟସ୍ଥ ମା'ତାରିଣୀ ମନ୍ଦିର ଠାରୁ ଆରମ୍ଭ ହୋଇ ସହର ମଧ୍ୟ ଦେଇ ବାଇପାସ୍ ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ନିକଟରେ ସମାପ୍ତ ହୋଇଥିଲା । ମା' ତାରିଣୀଙ୍କ ମନ୍ଦିରରେ ରୀତି ନିତି ଅନୁଯାୟୀ ପୂଜା ଅର୍ଚ୍ଚନା ପରେ ଗଣଦୌଡ଼କୁ ଶ୍ରୀରାମ ମହାଯଜ୍ଞ ସମିତିର ବରିଷ୍ଠ ଉପଦେଷ୍ଟା, ପୂର୍ବତନ ମନ୍ତ୍ରୀ ତଥା ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ଶ୍ରୀରାମ ମହାଯଜ୍ଞ ସମିତିର ସଭାପତି ବରିଷ୍ଠ ଆଇନଜୀବୀ ନିତ୍ୟାନନ୍ଦ ନାୟକ, କାର୍ଯ୍ୟକାରୀ ସଭାପତି ବ୍ୟୋମକେଶ ସେନାପତି, ସମିତିର ଉପଦେଷ୍ଟା ତଥା ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର, ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ସାଧାରଣ ସମ୍ପାଦକ ଶରତ ପଢ଼ିଆରୀ, ସଂଯୋଜକ ଗୋବିନ୍ଦ ରାଉତ, କୋଷାଧ୍ୟକ୍ଷ ନିରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ଗୈରିକ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଦଳମତ ନିର୍ବିଶେଷରେ ମାତୃଭୂମି ପାଇଁ ଉତ୍ସର୍ଗୀକୃତ ହଜାର ହଜାର ଯୁବକ, ଛାତ୍ର ଛାତ୍ରୀ, ସାଧାରଣ ଜନତା, ମହିଳା ସାମୁହିକ ଭାବରେ ଏହି ଗଣଦୌଡ଼ରେ ସାମିଲ ହୋଇଥିଲେ । ଭାରତ ମାତା କୀ ଜୟ, ବନ୍ଦେ ମାତରମ୍, ଜୟ ଶ୍ରୀରାମ ଧ୍ୱନୀରେ ସମଗ୍ର ଭଦ୍ରକ ସହରରେ ନିଆରା ପରିବେଶ ସୃଷ୍ଟି ହୋଇଥିଲା । ସହରର ବିଭିନ୍ନ ଛକ ମାନଙ୍କରେ ମାତୃଶକ୍ତିଙ୍କ ଦ୍ୱାରା ପୁଷ୍ପ ଅର୍ପଣ କରାଯାଇ ସ୍ୱାଗତ କରାଯାଇଥିଲା । ଅନୁଷ୍ଠିତ ହୋଇଥିବା ଗଣଦୌଡ଼ରେ ଶ୍ରୀରାମ ମହାଯଜ୍ଞ ସମିତିର ଉପସଭାପତି ତ୍ରିଲୋଚନ ନାୟକ, ସମ୍ପାଦକ ଆଇନଜୀବୀ ତୁଷାରକାନ୍ତ ଦାସ, ସ୍ୱରୂପା ନନ୍ଦ ମହାପାତ୍ର, ଉପଦେଷ୍ଟା ଭଗବାନ ପଣ୍ଡା, ଦୀନବନ୍ଧୁ ପତି, ଅମ୍ବିକା ଦାସ, ସୁବ୍ରତ ନାୟକ, ରଶ୍ମି ରଞ୍ଜନ ରାଉତ, ଡା. ପ୍ରଦୀପ ନାୟକ, ବଦ୍ରି ନାରାୟଣ ଧଳ, ସୁଧାଂଶୁ ନାୟକ, ବାଣୀ କଲ୍ୟାଣ ମହାନ୍ତି, ଉଦୟ ନାରାୟଣ ମଲ୍ଲିକ, ପ୍ରୟାସକାନ୍ତି ସାମଲ, ବିଭୁ ଚନ୍ଦନ ଜେନା, ମନୋଜ ବସନ୍ତ ରାୟ, ସମୀର ଗୋ ସ୍ୱାମୀ, ସଞ୍ଜୀବ ମହାନ୍ତି, ଶ୍ରୀକାନ୍ତ ଲେଙ୍କା, ବସନ୍ତ ରାଉତ, ପୁରୁଷୋତ୍ତମ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ରାଷ୍ଟ୍ରୀୟ ଚେତନା, ରାଷ୍ଟ୍ରର ଅଖଣ୍ଡତା ମାତୃଭୂମିର ସେବା ଓ ରାଷ୍ଟ୍ରବାଦର ଉଦ୍ଦେଶ୍ୟରେ ନେଇ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଜିଲ୍ଲାର ସମସ୍ତ ସାମାଜିକ ସଂଗଠନର କର୍ମକର୍ତ୍ତା, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବିବିଧ କ୍ଷେତ୍ରର କାର୍ଯ୍ୟକର୍ତ୍ତା ଗଣ, କ୍ରୀଡ଼ାବିତ୍, ବିଭିନ୍ନ କ୍ଲବର ସଦସ୍ୟ, ଆଧ୍ୟାତ୍ମିକ ସଂଗଠନ ଏବଂ ବିଭିନ୍ନ ରାଜନୈତିକ ଦଳର ମାନ୍ୟଗଣ୍ୟ ବ୍ୟକ୍ତି ଏଥିରେ ଯୋଗ ଦେଇଥିଲେ ।

ମହିଳା ଦିବସରେ ମହିଳାଙ୍କୁ ସରକାରଙ୍କ ଉପହାର : ବ୍ୟାଙ୍କ ଖାତାକୁ ଆସିଲା ସୁଭଦ୍ରା ଯୋଜନାର ଚତୁର୍ଥ କିସ୍ତି

କେନ୍ଦୁଝର,୧୦/୩(ନି/ପ୍ର) : ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ରାଜ୍ୟ ସରକାରଙ୍କର ମହତ୍ୱାକାଂକ୍ଷୀ 'ସୁଭଦ୍ରା' ଯୋଜନାର ଚତୁର୍ଥ କିସ୍ତି ଟଙ୍କା ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି । କେନ୍ଦୁଝର ଜିଲ୍ଲାସ୍ତରୀୟ ଉତ୍ସବରେ ମାନ୍ୟବର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଏବଂ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଶ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ । ପ୍ରାରମ୍ଭରେ ଅତିଥିବୃନ୍ଦ କେନ୍ଦୁଝରର ଅଧିଷ୍ଠାତ୍ରୀ ଦେବୀ ମା' ତାରିଣୀଙ୍କ ଫଟୋଚିତ୍ର ସମ୍ମୁଖରେ ଜ୍ୟୋତି ପ୍ରଜ୍ୱଳନ କରିଥିଲେ । ମନୋଜ ମଞ୍ଜରୀ ଶିଶୁ ଭବନ ର କୁନି କୁନି ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା । ସୁଭଦ୍ରା ଯୋଜନା ୪ର୍ଥ କିସ୍ତି ଅର୍ଥରାଶି ଏହି ପର୍ଯ୍ୟାୟରେ ରାଜ୍ୟର ପ୍ରାୟ ୧.୦୨ କୋଟି ଯୋଗ୍ୟ ମହିଳା ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ୫,୦୦୦ ଟଙ୍କା ଲେଖାଏଁ ପଠାଯିବ । ଜିଲ୍ଲାର ହଜାର ହଜାର ମହିଳାଙ୍କୁ ସଶକ୍ତ କରିବା ଲକ୍ଷ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା 'ଗିଫ୍ଟ ଟୁ ଗିଭ ' ବାର୍ତ୍ତା । ଏହି ଅବସରରେ ମନ୍ତ୍ରୀ କହିଥିଲେ ଯେ, ସରକାର ଦେଉଥିବା ଏହି ସହାୟତା ମା' ମାନଙ୍କ ପାଇଁ କେବଳ ଏକ ଅର୍ଥରାଶି ନୁହେଁ, ବରଂ ଏକ ଉପହାର । ଏହି ଉପହାର ମାଧ୍ୟମରେ ମହିଳାମାନେ ସ୍ୱାବଲମ୍ବୀ ହୋଇ ନିଜ ପରିବାର ଓ ସମାଜର ଉନ୍ନତି ପାଇଁ ସହଯୋଗର ହାତ ବଢ଼ାଇବେ । ଜିଲ୍ଲାର ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୪ ଲକ୍ଷ ୪୦ହଜାର ମହିଳାଙ୍କୁ ୫,୦୦୦ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି । ସମଗ୍ର ରାଜ୍ୟରେ ଏହି ଯୋଜନା ପାଇଁ ସରକାର ୫୦,୦୦୦ କୋଟି ଟଙ୍କା ଖର୍ଚ୍ଚ କରିବାର ଲକ୍ଷ୍ୟ ରଖିଛନ୍ତି । ସରକାରଙ୍କ ପ୍ରତ୍ୟେକ ଯୋଜନା ଯେପରି ସାଧାରଣ ଲୋକଙ୍କ ଘର ପାଖରେ ପହଂଚିବ ଏବଂ ପ୍ରତିଟି ପରିବାର ଉପକୃତ ହେବେ, ତାହାହିଁ ଆମ ସରକାରଙ୍କ ମୂଳ ଲକ୍ଷ୍ୟ । ରାଜ୍ୟ ସରକାରଙ୍କ ଏହି ପଦକ୍ଷେପ ମହିଳାମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ସହ ସେମାନଙ୍କ ସାମାଜିକ ମର୍ଯ୍ୟାଦା ବୃଦ୍ଧି କରିବାରେ ଏକ ମାଇଲଖୁଂଟ ସଦୃଶ ହେବ ବୋଲି ଆଶା କରାଯାଇଛି । ଏହି ଅବସରରେ ପୁରୀଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମର ସିଧା ପ୍ରସାରଣ ମାଧ୍ୟମରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ହିତାଧିକାରୀଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ, ନାରୀ ମାନଙ୍କ ଉନ୍ନତି ବିନା ବିଶ୍ୱର ପ୍ରଗତି ଅସମ୍ଭବ । ସୁଭଦ୍ରା ଯୋଜନା ହେଉଛି ନାରୀ ଶକ୍ତିର ଏକ ନିଚ୍ଛକ ପ୍ରତିଛବି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର 'ପାଚଂଦଳ' ଅବସରରେ ଏହି ସହାୟତା ପ୍ରଦାନ କରାଯାଉଥିବାରୁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେ 'ଲକ୍ଷପତି ଦିଦି' ମାନଙ୍କର ସଫଳତାକୁ ପ୍ରଶଂସା କରିବା ସହ ଆଗାମୀ ଦିନରେ ୩୧ ରୁ ୪୦ ବର୍ଷ ବୟସର ମହିଳାମାନେ ଦକ୍ଷତା ବୃଦ୍ଧି କରି ସଫଳ ଉଦ୍ୟୋଗୀ ଭାବେ ନିଜକୁ ଗଢ଼ି ତୋଳିବେ ବୋଲି ଆଶା ପ୍ରକଟ କରିଥିଲେ । ଏହି ଯୋଜନା ମହିଳାମାନଙ୍କୁ ଘରୁ ଗୋଡ଼ କାଢ଼ିବା ପାଇଁ ସାହସ ଦେଇଛି । ଆଜି ର ଏହି ଦିନ ରେ ମୁଖ୍ୟମନ୍ତ୍ରୀ 'କନ୍ୟା ସୁମଙ୍ଗଳା ଯୋଜନା' ବିଷୟରେ ଅବଗତ କରାଇ ଗରିବ ପରିବାରର କନ୍ୟା ସନ୍ତାନମାନଙ୍କ ଶିକ୍ଷା ପାଇଁ ୨୦,୦୦୦ ଟଙ୍କାର ସହାୟତା ରାଶି ପ୍ରଦାନ କରୁଛନ୍ତି । ଝିଅମାନେ ପରିବାର ପାଇଁ ବୋଝ ନୁହଁନ୍ତି, ବରଂ ସେମାନେ ଏକ ଆଶୀର୍ବାଦ । ସେମାନଙ୍କ ଉଚ୍ଚଶିକ୍ଷା ପାଇଁ ହେଉଥିବା ଖର୍ଚ୍ଚ ଏଣିକି ସରକାର ବହନ କରିବେ । ଏହି ଅର୍ଥରାଶି କନ୍ୟା ସନ୍ତାନଙ୍କ ପାଠପଢ଼ା ଏବଂ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନରେ ବ୍ୟବହାର କରାଯିବ । କାର୍ଯ୍ୟକ୍ରମ ରେ ଜିଲ୍ଲାପାଳ ବିଶାଳ ସିଂହ, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ, କେନ୍ଦୁଝରଗଡ଼ ପୌରପାଳିକା ଅଧ୍ୟକ୍ଷା ଶ୍ରୀମତୀ ନିକୁ ସାହୁ, ବନଖଣ୍ଡ ଅଧିକାରୀ ଧନରାଜ ହନୁମନ୍ତ, ସମାଜ କଲ୍ୟାଣ ଅଧିକାରୀ ସବିତା ଦାସ ଉପସ୍ଥିତ ଥିଲେ ।

ମର୍ମନ୍ତୁଦ ସଡ଼କ ଦୁର୍ଘଟଣା : ୨ ମୃତ, ୧ ଗୁରୁତର

କେନ୍ଦୁଝର,୧୦।୩ (ନି/ପ୍ର) : ସଦର ଥାନା ଅନ୍ତର୍ଗତ ତେନ୍ତୁଳି ଗ୍ରାମ ନିକଟ ଏନଏଚ ୪୯ରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ଭୟଙ୍କର ଦୁର୍ଘଟଣାରେ ବାପା-ପୁଅଙ୍କର ଶୋଚନୀୟ ଭାବେ ମୃତ୍ୟୁ ହୋଇଥିବା ବେଳେ ମା' ଗୁରୁତର ଆହତ ହୋଇଛନ୍ତି । ଏହି ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି । ମୃତ ବାପାଙ୍କ ନାମ ନୁର ସଲିମ୍ (୩୫) ଓ ପୁଅ ଏମଡି ନୁରୟା (୬) ବୋଲି ଜଣା ପଡିଛି । ସେମାନେ ତିନି ଜଣ ଏକ ବାଇକରେ ଦେବଗଡକୁ ଯିବାକୁ ବାହାରିଥିଲେ । ଘରୁ ଆସି ଦେବଗଡ ଅଭିମୁଖେ ଯାଉଥିବା ବେଳେ ଭାରସାମ୍ୟ ହରାଇ ଆଗରେ ଯାଉଥିବା ଏକ ଟ୍ରକ୍ ପଛରେ ପିଟି ହୋଇଯାଇଥିଲେ । ଫଳରେ ଘଟଣାସ୍ଥଳରେ ଦୁଇ ଜଣଙ୍କ ମୃତ୍ୟୁ ଘଟିଥିଲା ବୋଲି ପ୍ରତ୍ୟକ୍ଷ ଦର୍ଶୀଙ୍କ ଠାରୁ ସୂଚନା ମିଳିଛି । ଶୁଆକାଟି ଫାଣ୍ଡି ଠାରୁ ମାତ୍ର ଅଳ୍ପ ଦୂରରେ ଏହି ଦୁର୍ଘଟଣା ଘଟିଥିଲା । ଖବର ପାଇ ସ୍ଥାନୀୟ ଲୋକ ଓ ପୋଲିସ ପହଂଚି ସେମାନଙ୍କୁ ଉଦ୍ଧାର କରି କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତର ଖାନା କୁ ପଠାଇଥିଲେ । ଆହତ ମା ଙ୍କ ନାମ ଜଣା ପଡ଼ିନାହିଁ । ବାପା ଓ ପୁଅ ର ମୃତ ଦେହକୁ ବ୍ୟବଚ୍ଛେଦ କରି ପୋଲିସ ସେମାନଙ୍କ ପରିବାର ଲୋକ ଙ୍କୁ ହସ୍ତାନ୍ତର କରିଛି । ମୃତ ନୁର ଦୀର୍ଘ ବହୁ ବର୍ଷ ହେଲା ତେନ୍ତୁଳି ନିକଟରେ ଡାଇନାମୋ ମେକାନିକ ଭାବେ କାମ କରିଆସୁଥିଲା ଏବଂ ସମସ୍ତଙ୍କ ପରିଚିତ ଥିଲା । ଏଭଳି ଦୁଃଖଦ ଦୁର୍ଘଟଣା ନେଇ ଉକ୍ତ ଅଂଚଳରେ ଶୋକ ଖେଳିଯାଇଛି ।

ମଇଦାନକେଲ ଠାରେ ହିଂସା ବିରୋଧୀ ଏକତା ଅଭିଯାନ

କେନ୍ଦୁଝର,୧୦/୩(ନି/ପ୍ର) : ପ୍ରଗତି ଫାଉଣ୍ଡେସନ ଟ୍ରଷ୍ଟ, ମଇଦାନ କେଲ ଓ ଗ୍ରାହକ କଲ୍ୟାଣ ଏବଂ ଆଇନ ଗତ ଅନୁପାଳନ କମିଶନ ସହାୟତାରେ ମଇଦାନ କେଲ ହାଟପଡ଼ିଆ ଠାରେ ଏକଦିବସୀୟ ' ହିଂସା ବିରୋଧୀ ଏକତା ଅଭିଯାନ 'ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ନିଳିମା ଆର ପାତ୍ର ରାଜ୍ୟ ନିର୍ଦ୍ଦେଶକ, ଗ୍ରାହକ କଲ୍ୟାଣ ଏବଂ ଆଇନ ଗତ ଅନୁପାଳନ କମିଶନ, ନମିତା ବଳ ସଭାପତି ବସୁଧା ଫାଉଣ୍ଡେସନ, ସମ୍ମାନୀୟ ଅତିଥିଭାବେ ଅଧିବକ୍ତା ଜଗଜିତା ଦାଶ ସଭାପତି କେନ୍ଦୁଝର ଡେଭଲପମେଂଟ ଟ୍ରଷ୍ଟ , ଅଧିବକ୍ତା ରାଜକିଶୋର ଭୂୟାଁ, ଭାଗିରଥି ସିଂହ ସରପଂଚ ମଇଦାନ କେଲ, କଳ୍ପନା ମହାନ୍ତ ନାଏବ ସରପଂଚ ମଇଦାନକେଲ, ତପସ୍ୱିନୀ ବଳ ସଭାନେତ୍ରୀ, ମୁର୍ଗାବତୀ ବେହେରା ସମାଜସେବୀ, ହିଂସା ବିରୋଧୀ ଅଭିଯାନର ନେତ୍ରୀ କଳ୍ପନା ନାଏକ ପ୍ରମୁଖ ଯୋଗଦେଇ ହିଂସା ବିରୋଧୀ ଏକତା ଅଭିଯାନ ଉପରେ ଆଲୋକପାତ କରିଥିଲେ । ପ୍ରଗତି ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ, ଫଳଚାରା ଓ ଉତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମ ଆରମ୍ଭରେ କେନ୍ଦୁଝର ଅଧିଷ୍ଠାତ୍ରୀ ଦେବୀ 'ମା ତାରିଣୀ'ଙ୍କୁ ଅତିଥି ମାନେ ଧୂପଦୀପ ପ୍ରଦାନ କଲା ପରେ ହାଟପଡ଼ିଆରୁ ପଂଚାୟତ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ' ହିଂସା ବିରୋଧୀ ଏକତା ଅଭିଯାନ ' ରାଲି ବିଭିନ୍ନ ଗ୍ରାମ ପରିକ୍ରମା କରି ହାଟ ପଡିଆ କୁ ଫେରିଆସିଥିଲା । ମା ଭଉଣୀ ଏକ ହୁଅ, ମହିଳା ହିଂସା ଦୁରେଇ ଦିଅ ', 'ଅଜକା ନାରୀ କୈସେ ହେଁ, ଝାନ୍ସୀ ରାଣୀ ଜୈସେ ହେଁ ', 'ଆଜିର ନାରୀ କେମିତି, ତୁଳସୀ ମୁଣ୍ଡା ଯେମିତି ', ଭଳି ହିଂସା ବିରୋଧୀ ସ୍ଲୋଗାନ ମହିଳା ମାନେ ଦେଇଥିଲେ ଓଡିଶା ଗାନ୍ଧୀ ବିଚାର ପରିଷଦ ର ସଭାପତି ଶ୍ରୀ ଭକ୍ତ ବତ୍ସଳ ମହାନ୍ତି ମାନବସମ୍ବଳ ଭାବରେ ଯୋଗଦେଇ ଗାନ୍ଧିଜୀଙ୍କ ଅହିଂସା ବିଚାର, ମହିଳାଙ୍କ ପାଇଁ ପାରିବାରିକ ହିଂସା ସୁରକ୍ଷା ଆଇନ -୨୦୦୫, ବାଲ୍ୟ ବିବାହ ନିଷେଧ ଆଇନ -୨୦୦୬, ଯୌନ ଅପରାଧରୁ ଶିଶୁମାନଙ୍କ ର ସୁରକ୍ଷା ଆଇନ - ୨୦୧୨, କାର୍ଯ୍ୟକ୍ଷେତ୍ରରେ ମହିଳା ଯୌନ ଶୋଷଣ ନିଷେଧ ଆଇନ -୨୦୧୩, ଯୌତୁକ ବିରୋଧ ଆଇନ, ଭ୍ରୂଣ ନିରୂପଣ ନିଷେଧ ଆଇନ, କିଶୋର ନ୍ୟାୟ (ଶିଶୁ ମାନଙ୍କ ଯତ୍ନ ଓ ସୁରକ୍ଷା) ଅଧିନିୟମ - ୨୦୧୫ ଇତ୍ୟାଦି ପ୍ରଶ୍ନଉତର ମାଧ୍ୟମରେ ପ୍ରାଞ୍ଜଳ ଭାବରେ ବୁଝାଇଥିଲେ । ଏହି କାର୍ଯ୍ୟକ୍ରମ ରେ ସତ୍ୟଜିତ ମିଶ୍ର, ପ୍ରଗତି ଫାଉଣ୍ଡେସନ ଟ୍ରଷ୍ଟ ସମ୍ପାଦିକା ଶ୍ରୀ ମତୀ ରଞ୍ଜୁଲତା ମହାନ୍ତ, ସଭାପତି ଶ୍ରୀ ସୁଶାନ୍ତ କୁମାର ମହାନ୍ତ, ଉପସଭାପତି ଶ୍ରୀ ମତୀ କାଂଚନ ବାଳା ମହାନ୍ତ ପରିଚାଳନାରେ ସହଯୋଗ କରିଥିଲେ । କେନ୍ଦୁଝର ଡେଭଲପମେଂଟ ଟ୍ରଷ୍ଟ, ବସୁଧା ଫାଉଣ୍ଡେସନ, ଆନ୍ତରିକ୍ଷ ଫାଉଣ୍ଡେସନ, ଜନ ଚେତନା ଫାଉଣ୍ଡେସନ, ସିନ୍ଦୁର ଗୌରୀ ବନଧନ ବିକାଶ କେନ୍ଦ୍ର, ସ୍ୱସ୍ତି ଫାଉଣ୍ଡେସନ, ନେସନାଲ ୟୁଥ ଫାଉଣ୍ଡେସନ, ସ୍ୱୟଂ ସହାୟକ ଗୋଷ୍ଠୀ ର ସଦସ୍ୟକ୍ଷ ଓ ବିଦ୍ୟାଳୟ ର ୪୦୦ ରୁ ଉର୍ଦ୍ଧ୍ୱ ପ୍ରତିନିଧି ଅଂଶ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମ ରେ ବିଭିନ୍ନ କ୍ଷେତ୍ର ରେ ସ୍ୱାବଲମ୍ବୀ ହୋଇଥିବା ମହିଳା ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ନିର୍ଦ୍ଦେଶିକା ଶ୍ରୀ ମତୀ ନିଳିମା ଆର ପାତ୍ର ୩୦ରୁ ଉର୍ଦ୍ଧ୍ୱ ଅଂଶ ଗ୍ରହଣକାରୀଙ୍କ ଠାରୁ ସିଧା ସଳଖ ଅଭିଯୋଗ ପତ୍ର ଗ୍ରହଣ କରିଥିଲେ । ଶେଷରେ ସେବତୀ ମହାକୁଡ଼ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ଶେଷ କରିଥିଲେ ।

ଶ୍ରେଷ୍ଠ ଭାଗବତ ଟୁଙ୍ଗିରେ ସତ୍‌ସଙ୍ଗ

କେନ୍ଦୁଝର,୧୦/୩(ନି/ପ୍ର) : କେନ୍ଦୁଝର ଜିଲ୍ଲା ଭାଗବତ ପ୍ରଚାର ପ୍ରସାର ସମିତି ବାର୍ଷିକୋତ୍ସବ ଆନୁକୂଲ୍ୟରେ ଅନୁଷ୍ଠିତ ଜିଲ୍ଲା ଭାଗବତ ଭକ୍ତ ସମ୍ମିଳନୀରେ ହରିଚନ୍ଦନପୁର(୧) ବ୍ଲକର ଶ୍ରେଷ୍ଠ ଭାଗବତ ଟୁଙ୍ଗି ରୂପେ ସମ୍ମାନିତ ହୋଇଥିବା ଜଂଘିରା ରାଧାକୃଷ୍ଣ ଭାଗବତ ଟୁଙ୍ଗିରେ ସତସଙ୍ଗ ବୈଠକ ଅନୁଷ୍ଠିତ ହୋଇଥିଲା । ଟୁଙ୍ଗିର ସଭାନେତ୍ରୀ ପାର୍ବତୀ ସାହୁଙ୍କ ଅଧ୍ୟକ୍ଷତାରେ ବୈଠକ ଆରମ୍ଭ ହେଲା । ମାତୃମଣ୍ଡଳୀ ଭକ୍ତ ବୃନ୍ଦ ଭାଗବତ ଗାଦି ପୂଜାର୍ଚ୍ଚନା କଲେ । ପୁରାଣପଣ୍ଡା ରମାକାନ୍ତ ପରିଡ଼ା ଭାଗବତ ଦଶମ ସ୍କନ୍ଧ ୩୮ଅଧ୍ୟାୟ ଯଥାବିଧି ପାରାୟଣ କଲେ । କେନ୍ଦୁଝର ଜିଲ୍ଲା ଭାଗବତ ପ୍ରଚାର ପ୍ରସାର ସମିତି ସଭାପତି ଆଚାର୍ଯ୍ୟ ଦାଶରଥି ପ୍ରଧାନ ପଠିତ ଅଧ୍ୟାୟ ପ୍ରସଙ୍ଗରେ ଆଲୋଚନା କରି ଷଣ୍ଢାସୁରକୁ ଦେଖିବା ମାତ୍ରେ ଗୋପାଳ ବାଳକମାନେ ଯେପରି ବାଳମୁକୁନ୍ଦ ଶ୍ରୀକୃଷ୍ଣଙ୍କୁ ସ୍ମରଣ କରି ବିପଦରୁ ମୁକ୍ତ ହେଲେ, ସେହିପରି ସଂସାର ପଥରେ ଅଗ୍ରସର ହେଉଥିବା ସମୟରେ ଯେତେବେଳେ ବାଧାବିଘ୍ନ ଆସିବ ସେତେବେଳେ ଭଗବାନଙ୍କୁ ସ୍ମରଣ କରିବା ଏକାନ୍ତ ଆବଶ୍ୟକ ବୋଲି ଜନ ସମାଜକୁ ସଚେତନ କଲେ । ଏଥିରେ ପ୍ରଦ୍ୟୁମ୍ନ ଭିତିରିଆ, ମଙ୍ଗୁଲୁ ନାୟକ, ଗୁରୁ ଚରଣ ବାରିକ, ବସନ୍ତ କୁମାର ସାହୁ, ଶୁକ୍ଳୁ ପଲେଇ, ଦେବଯାନୀ ରାଉତ, ରାଣୀ ନାୟକ, ସୀତା ନାୟକ, ତଅପୋଇ ନାୟକ, ବାସନ୍ତୀ ନାୟକ, ସୁଲୋଚନା ବାରିକ, ସେବତୀ ରାଉତ, ରୁକ୍ମଣୀ ପଲେଇ, ବୀଣାପାଣି ମହାନ୍ତି, ଇନ୍ଦୁମତି ବେଜ୍, କସ୍ତୁରୀ ବେଜ, ସବିତା ନାୟକ, ସଙ୍କି ବାରିକ ଓ ସବିତା ବାରିକ ପ୍ରମୁଖ ଭକ୍ତବୃନ୍ଦ ଯୋଗଦାନ କରିଥିଲେ ।

ବିବିଧା

ରାଶିଫଳ

ମେଷ: ଆଜି ଦିନଟି ଆପଣଙ୍କ ପାଇଁ ଭଲ। ଅଚାନକ ଖୁସି ଖବର ପାଇପାରନ୍ତି। ରାଜନୈତିକ ଏବଂ ସାମାଜିକ କ୍ଷେତ୍ରରେ ସକ୍ରିୟ ରହିବେ। ପ୍ରେମୀଯୁଗଳଙ୍କ ମତାନ୍ତର ଦୂର ହେବ।

ବୃଷ: ଗୃହିଣୀମାନେ ଘର କାମରେ ବ୍ୟସ୍ତ ରହିବେ। ଇଂଜିନିୟରଙ୍କ ପାଇଁ ଦିନଟି ଭଲ। କୋର୍ଟ କଚେରୀ ମାମଲାର ଶୁଣାଣି ହେବ। ଲୋକ ସମ୍ପର୍କ ବଢ଼ିବ। ପଡ଼ୋଶୀଙ୍କ ସହ ମନୋମାଳିନ୍ୟ ହୋଇପାରେ।

ମିଥୁନ: ବାଦ ବିବାଦରୁ ଦୂରେଇ ରୁହନ୍ତୁ। ବ୍ୟବସାୟୀଙ୍କ ପାଇଁ ଦିନଟି ଭଲ। ଅଧିକ ଖର୍ଚ୍ଚ ହୋଇପାରେ। ଚକ୍ଷୁ ସମସ୍ୟା ଭୋଗି ପାରନ୍ତି। ପ୍ରେମୀ ଯୁଗଳ ସୁନ୍ଦର ସମୟ ଅତିବାହିତ କରିବେ।

କର୍କଟ: ସମୟର ସଦୁପଯୋଗ କରନ୍ତୁ। ବୁଝି ବିଚାରି କାମ କରନ୍ତୁ। ପରିବାର ସହିତ ଖୁସିର ସମୟ ଅତିବାହିତ କରିବେ। ଜମି କାରବାରରେ ସଫଳ ହେବେ। ଅଯଥା କାମରେ ସମୟ ନଷ୍ଟ ହେବ।

ସିଂହ: ନୂତନ ବ୍ୟବସାୟ ପାଇଁ ଅନୁକୂଳ ସମୟ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହେବ। ଅଫିସରେ ପଦୋନ୍ନତି ହୋଇପାରେ। ଆର୍ଥ୍ରାଇଟିସ ସମସ୍ୟା ଭୋଗିପାରନ୍ତି। ଅଫିସ୍ କାମ ଠିକ୍ ସମୟରେ ଶେଷ କରିବେ।

କନ୍ୟା: ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରନ୍ତୁନି। ଅଧିକ ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। ଅଫିସ୍ ସହକର୍ମୀଙ୍କ ସହଯୋଗ ରହିବ। ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି।

ତୁଳା: ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିବେ। ନୂଆ ଚାକିରି ମିଳିବା ସମ୍ଭାବନା ଅଛି। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲବୁଝାମଣା ଦେଖା ଦେବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

ବିଛା: ମାନ ସମ୍ମାନ ବୃଦ୍ଧି ପାଇବ। ଉଧାର ଟଙ୍କା ଫେରି ପାଇବେ। ଯୋଗ ଏବଂ ପ୍ରାଣାୟମ କରନ୍ତୁ। ଯେକୌଣସି ପରିସ୍ଥିତି ସହିତ ଖାପଖୁଆଇ ଚଳନ୍ତୁ। ଧାର୍ମିକ କାର୍ଯ୍ୟରେ ସାମିଲ ହୋଇପାରନ୍ତି।

ଧନୁ: ଚାକିରି ପାଇଁ ବିଦେଶ ଯାତ୍ରା କରିବେ। ପ୍ରିୟଜନଙ୍କ କଥା ଦୁଃଖ ଦେବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପେଟ ଜନିତ ସମସ୍ୟା ଦେଖା ଦେବ। କାର୍ଯ୍ୟରୁ ଆଶାନୁରୂପ ଲାଭ ମିଳିବ ନାହିଁ।

ମକର: ସମୟର ସଦୁପଯୋଗ କରିବେ। ପ୍ରେମ ସମ୍ପର୍କ ମଜବୁତ ହେବ। ଠକାମିର ଶିକାର ହେବେ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହୋଇପାରେ। କଳାକାରଙ୍କ ପାଇଁ ଦିନଟି ଭଲ।

କୁମ୍ଭ: ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁ ନାହିଁ। ସନ୍ତାନଙ୍କ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ବ୍ୟାଙ୍କ ଓ ଆଇଟି କ୍ଷେତ୍ରରେ ସଫଳତା ମିଳିବ। ଚିନ୍ତା ଓ ଅବସାଦରେ ରହିବେ।

ମୀନ: ଦୀର୍ଘ ଦିନରୁ ଲାଗି ରହିଥିବା ସମସ୍ୟାର ସମାଧାନ ହେବ। ନୂତନ କାର୍ଯ୍ୟ ଆରମ୍ଭ କରିପାରନ୍ତି। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ବୈବାହିକ ଜୀବନ ସୁଖମୟ ହେବ।

ଆଜିର ଇତିହାସ

- ୧୮୮୨- ପଞ୍ଜାବ ବିଶ୍ୱବିଦ୍ୟାଳୟର ସ୍ଥାପନା।
- ୧୯୩୩- ଜର୍ମାନୀ ମିତ୍ରରାଷ୍ଟ୍ରରୁ ଓହରିଯିବାକୁ ନିଷ୍ପତ୍ତି ନେଲା।
- ୧୯୫୬- ଡ. ବି.ଆର୍. ଆମ୍ବେଦକର ୫ ଲକ୍ଷ ସମର୍ଥକଙ୍କ ସହ ବୌଦ୍ଧ ଧର୍ମ ଗ୍ରହଣ କଲେ।
- ୧୯୮୧- ହୋସ୍ନି ମୁବାରକ ମିଶରର ରାଷ୍ଟ୍ରପତି ହେଲେ।
- ୧୯୯୯- ପରମାଣୁ ପରୀକ୍ଷଣ ପ୍ରତିବନ୍ଧକ ସନ୍ଧିକୁ ଆମେରିକୀୟ ସିନେଟ୍‌ରେ ନାମଞ୍ଜୁର।
- ୨୦୧୦- ନୂଆଦିଲ୍ଲୀରେ ଚାଲୁଥିବା ୧୯ତମ ରାଷ୍ଟ୍ରମଣ୍ଡଳ ଖେଳର ସମାପନ।

ଚିଲି ମ୍ୟାନ୍ :ଥରକେ ଖାଆନ୍ତି ୧୦ କେଜି ଶୁଖିଲା ଲଙ୍କା

ଅନେକ ଲୋକ ସେମାନଙ୍କ ଅଜବ ଖାଦ୍ୟରୁଚି ପାଇଁ ଚର୍ଚ୍ଚାରେ ଆସନ୍ତି। ଏହି କ୍ରମରେ ମେଘାଳୟର ଦାଟାବ ଗାଁର କୃଷକ ରାମ ପିରତୁଙ୍ଗ ତାଙ୍କର ଅଜବ ଖାଦ୍ୟାଭ୍ୟାସ ପାଇଁ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେ ବେଶ୍ ସହଜରେ ଥରକରେ ୧୦ କେଜି ଶୁଖିଲା ଲଙ୍କା ଖାଇପାରନ୍ତି। ୨୦୨୨ ମସିହାରେ ତାଙ୍କର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାପରେ ସେ ଏବେ ଚର୍ଚ୍ଚାରେ। ଭିଡିଓରେ ସେ ୧୦ କେଜି ଶୁଖିଲା ଲଙ୍କା ଖାଉଥିଲେ। ଏତେ ଲଙ୍କା ଖାଇବା ସତ୍ତ୍ୱେ ତାଙ୍କ ଆଖିରେ ଲୁହ ଆସି ନ ଥିଲା କି ତାଙ୍କୁ ରାଗ ଲାଗି ନ ଥିଲା। ଏହାପରେ ଲୋକେ ତାଙ୍କୁ ଚିଲି ମ୍ୟାନ୍ ନାମ ଦେଇଥିଲେ। ୫୦ ବର୍ଷିୟ ରାମଙ୍କ କହିବାନୁସାରେ, 'ଲଙ୍କା ମୋ ଜୀବନର ଏକ ଅଂଶ। ମୁଁ ପିଲାଦିନରୁ ଲଙ୍କା ଖାଇ ଆସୁଛି। ମୋତେ ଲଙ୍କା ରାଗ ଲାଗେନି।' ସେହିପରି ରାମଙ୍କ ଗାଁ ଲୋକଙ୍କ କହିବାନୁସାରେ, ତାଙ୍କର ପ୍ରତ୍ୟେକ ଖାଦ୍ୟରେ ଲଙ୍କା ଥାଏ। ତାଙ୍କର ଏହି ନିଆରା ପ୍ରତିଭା ବିଷୟରେ ଜଣାପଡ଼ିବା ପରେ ଲୋକେ ତାଙ୍କୁ ପରୀକ୍ଷା ମଧ୍ୟ କରିଥିଲେ। ଏପରିକି ଗୋଟେ ଶୋ'ରେ ତାଙ୍କ ଦେହରେ ଲଙ୍କା ପେଷ୍ଟ ଲଗାଇ ରାଧୋଇ ଦିଆଯାଇଥିଲା। ଏଥିସହ ତାଙ୍କ ଶରୀରରେ ଲଙ୍କା ଘଷା ଯାଇଥିଲା। ଏହାସତ୍ତ୍ୱେ ସେ ଶରୀରରେ କୌଣସି ଜଳାପୋଡ଼ା ଅନୁଭବ କରି ନ ଥିଲେ। ସେହିପରି ସେ ଆହୁରି ମଧ୍ୟ କହିଛନ୍ତି, ସକାଳୁ ସେ ଲଙ୍କା ଚା, ଦ୍ୱିପ୍ରହରରେ ଲଙ୍କା ମଟନ ତରକାରୀ ଖାଆନ୍ତି। ସଂନ୍ଧ୍ୟାରେ ସେ କଞ୍ଚାଲଙ୍କା ଚୋବାଇଥାନ୍ତି। ଲଙ୍କା ତାଙ୍କର ଔଷଧ ବୋଲି ସେ କହିଛନ୍ତି। ଏଥିପାଇଁ ତାଙ୍କୁ କୌଣସି ରୋଗ ମଧ୍ୟ ହୋଇନି। ଅବଶ୍ୟ ମେଘାଳୟରେ ଲଙ୍କା ଚାଷ ସାଧାରଣ କଥା। ହେଲେ ରାମଙ୍କ ଭଳି ଲଙ୍କାପ୍ରେମୀ ନାହାନ୍ତି।

'କାନ୍ତାରା ଚାପ୍ଟର ୧' ସଫଳତାର ରାଜ୍ ଖୋଲିଲେ ରିଷବ

ରିଷବ ସେଟ୍ଟୀଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'କାନ୍ତାରା ଚାପ୍ଟର ୧' ବକ୍ସ ଅଫିସ୍‌ରେ ସୁନାମି ଆଣିଛି। ସମୟ ବଢ଼ିବା ସହ ଏହାର ଆୟ ମଧ୍ୟ ଦିନକୁ ଦିନ ବଢ଼ି ଚାଲିଛି। ସବୁଠୁ ବଡ଼ କଥା ହେଲାଛି, ଏହାର କାହାଣୀ ଦର୍ଶକଙ୍କୁ ଛୁଇଁଛି। ମୂଳ କନ୍ନଡ଼ ଭାଷାର ଏହି ସିନେମାରେ ରିଷଭ ପୁଣି ଥରେ ନିଜ ଅଭିନୟରେ ପରଦାକୁ ଉଜ୍ଜ୍ୱଳାଇଛନ୍ତି। 'କାନ୍ତାରା ଚାପ୍ଟର ୧' ୨୦୨୨ରେ ରିଲିଜ୍ ହୋଇଥିବା 'କାନ୍ତାରା'ର ପୂର୍ବ କାହାଣୀ ଅଟେ। ପ୍ରାୟ ଫିଲ୍ମରେ ସିକ୍ୱେଲ୍ ରିଲିଜ୍ ହେଉଥିଲାବେଳେ ରିଷବ କିନ୍ତୁ ଏହାର ପ୍ରିକ୍ୱେଲ୍ ଆଣିଥିଲେ। ଫିଲ୍ମର କାହାଣୀ, ଚରିତ୍ର ଓ ଭିଏଫ୍ଏକ୍ସକୁ ବହୁତ ଭଲ ଭାବେ ବଡ଼ ପରଦାରେ ପ୍ରଦର୍ଶନ କରାଯାଇଛି। ଖାସ୍ ଏହି କାରଣରୁ ଫିଲ୍ମଟି ବକ୍ସ ଅଫିସ୍‌ରେ ଧମାଲ କରିଛି। ନିକଟରେ ଏକ ଇଭେଣ୍ଟରେ ଯୋଗଦେଇ ଖୋଦ୍ ରିଷବ ଏହାର ସଫଳତାର ରାଜ୍ ଖୋଲିଛନ୍ତି। ରିଷବ କହିଛନ୍ତି, 'ଏହି ଫିଲ୍ମ ଓ ଏହାର ଚରିତ୍ରଗୁଡ଼ିକ ମୋର ସ୍ୱପ୍ନ ଥିଲା, ଯାହାକୁ ମୋ ଟିମ୍ ଆପଣେଇ ନେଇଥିଲା। ଆମେ ଯେତେ ଆମର ଆଞ୍ଚଳିକ କାହାଣୀକୁ ଦେଖାଇବା ଏହା ସେତେମାତ୍ରାରେ ବିଶ୍ୱସ୍ତରରେ ଆଦୃତ ହେବ।' ରିଷବ ଏଥିରେ ଅଭିନୟ କରିବା ସହ ଏହାର ନିର୍ଦ୍ଦେଶକ ଓ ଲେଖକ ମଧ୍ୟ।

ଭାରତର ମିନି ଇସ୍ରାଏଲ

ଭାରତକୁ ବିବିଧତାର ଦେଶ କୁହାଯାଏ। ଏହାର ସୌନ୍ଦର୍ଯ୍ୟ ଓ ସଂସ୍କୃତି ସାରା ବିଶ୍ୱ ପରିଚିତ। ଏଥିପାଇଁ ଏଠାକୁ ବହୁ ବିଦେଶୀ ପର୍ଯ୍ୟଟକ ଆସିଥାନ୍ତି। ଏହି କ୍ରମରେ ହିମାଚଳ ପ୍ରଦେଶରେ ଏକ ଗାଁ ରହିଛି, ଏଠାକୁ ଭ୍ରମଣ ପାଇଁ ବହୁ ସଂଖ୍ୟାରେ ଇସ୍ରାଏଲ ପର୍ଯ୍ୟଟକ ଆସିଥାନ୍ତି। ଏପରିକି ଘରଭଡ଼ା ନେଇ ଏଠାରେ ଦୀର୍ଘ ଦିନ ଧରି ରହିଥାନ୍ତି। ସୌଟିର ଗାଁ ଧର୍ମକୋଟ। ଏହା ଧର୍ମଶାଳାଠାରୁ ୨ କିଲୋମିଟର ଦୂରରେ ଅବସ୍ଥିତ। ଧର୍ମକୋଟକୁ ଭାରତର ମିନି ଇସ୍ରାଏଲ ବୋଲି କୁହାଯାଏ। ୧୯୯୦ ମସିହାରୁ ଏଠାକୁ ଇସ୍ରାଏଲ ପର୍ଯ୍ୟଟକମାନେ ଆସି ରହିବା ଆରମ୍ଭ କରିଥିଲେ। ସେବେଠାରୁ ଏଠାରେ ଇସ୍ରାଏଲ ସଂସ୍କୃତି ଓ ପରମ୍ପରାର ଛାପ ଦେଖିବାକୁ ମିଳୁଛି। ଧର୍ମକୋଟର ରେସ୍ତୋରାଁଗୁଡ଼ିକରେ ଭାରତୀୟ ଓ ଇଟାଲୀୟ ଖାଦ୍ୟ ସହ ଇସ୍ରାଏଲ ଖାଦ୍ୟ ମିଳିଥାଏ। ଏଠାରେ ହିବ୍ରୁ ଭାଷାରେ ଲେଖାଯାଇଥିବା ସାଇନ୍‌ବୋର୍ଡ ମଧ୍ୟ ଦେଖିବାକୁ ମିଳେ। ଇସ୍ରାଏଲର ସୈନିକମାନେ ଚାକିରିରୁ ଅବସର ନେବା ପରେ ଏହି ଗାଁରେ ଆସି କିଛି ଦିନ ରହି ଯାଇଥାନ୍ତି। ବିଶେଷକରି ଅକ୍ଟୋବର ମାସରେ ରୋଶ ହାସନା ନାମକ ପର୍ବ ପାଳିବାକୁ ଏଠାକୁ ବହୁ ସଂଖ୍ୟକ ଇସ୍ରାଏଲ ନାଗରିକ ଆସିଥାନ୍ତି। ଏହି ଗାଁର ଚତୁଃପାର୍ଶ୍ୱରେ ଘନ ଦେବଦାରୁ ଜଙ୍ଗଲ ଘେରି ହୋଇ ରହିଛି। ତେଣୁ ଏଠାରେ ଭାରୀଣ ଭଲମାଲେ ମଧ୍ୟ ଅଖା ଅନୁଭବ ହୋଇଥାଏ। ଫଳେ ପ୍ରକୃତିପ୍ରେମୀଙ୍କୁ ଏହି ଗାଁ ବେଶ୍ ଆକର୍ଷିତ କରିଥାଏ। ଏଠାରେ ଭାରତୀୟଙ୍କଠାରୁ ଅଧିକ ବିଦେଶୀ ପର୍ଯ୍ୟଟକ ଦେଖାଯାଉଥିବାରୁ ଏହା ସ୍ଥାନୀୟ ଅଞ୍ଚଳରେ 'ବିଦେଶୀଙ୍କ ଗାଁ' ଭାବେ ମଧ୍ୟ ପରିଚିତ। ଧର୍ମକୋଟରେ ବିଦେଶୀ ପର୍ଯ୍ୟଟକମାନେ ଗଳିକନ୍ଦିରେ ସଙ୍ଗୀତ ଗାନ କରିବା ସହ ଧ୍ୟାନ ଯୋଗ ଆଦି କରୁଥିବାର ଦେଖାଯାଏ। ଏଠାରେ ଇସ୍ରାଏଲର ପତାକା ମଧ୍ୟ ଦେଖିବାକୁ ମିଳେ। ଇନ୍‌ଷ୍ଟାଗ୍ରାମ୍ ଟ୍ରାଭେଲର ମହମ୍ମଦ ଅମାନ୍ ଧର୍ମକୋଟର ଭିଡିଓ ସେୟାର୍ କରିବା ପରେ ଏହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି।



ସୁବର୍ଣ୍ଣା

ଫସଲ ଅମଳ ଯନ୍ତ୍ରପାତି

ଅମଳ ଯନ୍ତ୍ର ମଧ୍ୟରେ ପାୱାର ଟିଲର ଚାଳିତ ଧାନ କଟା ଯନ୍ତ୍ର, ଟ୍ରାକ୍ଟର ଚାଳିତ ଧାନ କଟା ଯନ୍ତ୍ର ଆଦି ରହିଛି। ପାୱାର ଟିଲର ଚାଳିତ ଧାନ କଟା ଯନ୍ତ୍ରରେ ଗୋଟିଏ ଦିନର (୮ ଘଣ୍ଟା)ରେ ଏକ ହେକ୍ଟର ଜମିରୁ ଅମଳ ହୋଇପାରୁଥିବାବେଳେ ଟ୍ରାକ୍ଟର ଚାଳିତ ଧାନ କଟା ଯନ୍ତ୍ରରେ ଏକ ଘଣ୍ଟାରେ ଏକ ହେକ୍ଟର ଜମିରୁ ଧାନ କଟା ହୋଇପାରିବ। ପାୱାର ଟିଲର ଚାଳିତ ଧାନ କଟା ଯନ୍ତ୍ରରେ ଗୋଟିଏ ଏକର ଧାନ କଟା ପାଇଁ ମାତ୍ର ୩୦୦ରୁ ୪୦୦ଟଙ୍କା ଖର୍ଚ୍ଚ ହେଉଥିବାବେଳେ ହାତରେ କାଟିଲେ ଏକ ଏକରରେ ୭ଜଣ ଲୋକ ଦରକାର ପଡ଼େ।

ସେହିପରି କମ୍ବାଇନ୍ ହାର୍ଭେଷ୍ଟର ଏକ ଆଧୁନିକ କୃଷି ଯନ୍ତ୍ର। ଏହା ଧାନ, ମାଣ୍ଡିଆ, ଗହମ ଆଦି ଫସଲ କାଟିଥାଏ। କାଟିବା ସହ ଏକାସାଥିରେ ଗଛରୁ ଶସ୍ୟକୁ ଅଲଗା କରି ସଫା କରିପାରିବ। ବଜାରରେ ବିଭିନ୍ନ ପ୍ରକାର କମ୍ବାଇନ୍ ହାର୍ଭେଷ୍ଟର ଉପଲବ୍ଧ ଅଛି। ଏଥିରେ ୨ରୁ ୬ ମିଟର ଓସାର ଯାଏଁ ଫସଲ କାଟିବାକୁ ଆଗ, ଦାନାକୁ ଅଲଗା କରି ସଫା କରିବାକୁ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। ଏହା ଧାନ ଫସଲରେ ପାଖାପାଖି ୦.୬ ହେକ୍ଟର ପ୍ରତି ଘଣ୍ଟା କାମ କରିଥାଏ। ସେହିପରି ବଜାରରେ ଟ୍ରାକ୍ଟର ଚାଳିତ କନଭେୟର ରିପର (ଟ୍ରାକ୍ଟର ଚାଳିତ ଅମଳ ଯନ୍ତ୍ର) ଉପଲବ୍ଧ ରହିଛି।

ଫସଲର ଅମଳପରବର୍ତ୍ତୀ ସମୟଟି ବହୁତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଏହି ସମୟରେ ଫସଲ କାଟିବାରେ ଅଧିକ ଶ୍ରମ ଦରକାର ପଡ଼େ। ଏଥିପାଇଁ ଖର୍ଚ୍ଚ ବଢ଼େ। ଅଧିକ ସମୟ ଲାଗେ। ପରିଶ୍ରମ ମଧ୍ୟ ଅଧିକ ହୁଏ। ତେବେ ପାଗ ଖରାପ ଥିଲେ, ଫସଲ ଅମଳ କାର୍ଯ୍ୟ କରିହୁଏ ନାହିଁ। ତେଣୁ ଏହି ସମସ୍ୟାର ସମାଧାନ ପାଇଁ ବିଭିନ୍ନ ଯନ୍ତ୍ର ବ୍ୟବହାର କରି ପାରିବେ।

ଚାଷୀ ମୁହଁରେ ହସ ଭରିଛି କଳିଙ୍ଗରାଜ

ଜୟଦେବ ନିଜର ୧୬ ଏକର ଜମିରେ ମକା, ପୋଟଳ, ବାଇଗଣ, ବିଭିନ୍ନ ପ୍ରକାର ପନିପରିବା, ଫଳ (କଦଳୀ, ଆମ୍ବ) ଆଦି ଚାଷ କରୁଛନ୍ତି। ଏହା ସହିତ ସେ ଅଧିକାଂଶ ଜମିରେ ଧାନ ଚାଷ ମଧ୍ୟ କରୁଛନ୍ତି। ଅଧିକ ଉତ୍ପାଦନକ୍ଷମ ହେବା ପାଇଁ ସେ କୃଷି ବିଜ୍ଞାନ କେନ୍ଦ୍ର, ଝାରସୁଗୁଡ଼ା ଦ୍ୱାରା ଆୟୋଜିତ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସେହି ତାଲିମ କେନ୍ଦ୍ରରେ ଉନ୍ନତ ମାନର ମକା ଚାଷ ପ୍ରଣାଳୀକୁ ନେଇ ଆଲୋଚନା ସମୟରେ ଜୟଦେବ ମକା ଚାଷ ପ୍ରତି ଆଗ୍ରହ ଦେଖାଇଥିଲେ। ତାଙ୍କ ଆଗ୍ରହକୁ ଅଗ୍ରାଧିକାର ଦେଇ ସ୍ୱତନ୍ତ୍ର ବୈଜ୍ଞାନିକମାନେ 'କଳିଙ୍ଗରାଜ' ଚାଷ ପଦ୍ଧତି ସମ୍ବନ୍ଧୀୟ ଆବଶ୍ୟକୀୟ ମାର୍ଗଦର୍ଶନ ପ୍ରଦାନ କରିଥିଲେ।

କେବଳ ସେତିକି ନୁହେଁ, କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଦ୍ୱାରା ବିକଶିତ ଓ ପ୍ରଚାରିତ ଏହି କିସମର ବିହନ ପ୍ରଦାନ କରିଥିଲେ। ବୈଜ୍ଞାନିକମାନଙ୍କ ଉପଯୁକ୍ତ ମାର୍ଗଦର୍ଶନ ଓ ସମର୍ଥନ ପାଇ ଜୟଦେବ ପ୍ରାୟ ଦୁଇ ଏକର ଜମିରେ 'କଳିଙ୍ଗରାଜ' ମକା ଚାଷ କରି ଏହି ଉତ୍ପାଦନର ଲାଭ ଉଠାଉଛନ୍ତି। ପୂର୍ବରୁ ସ୍ଥାନୀୟ ବଜାରରୁ କିଣିଥିବା ମକା ତଥା ସ୍ୱୟଂ ସଂରକ୍ଷିତ ବିହନ ଚାଷ କରି ଉତ୍ପାଦନ ଓ ଆୟ କମ ପାଉଥିଲେ। କିନ୍ତୁ କୃଷି ବିଜ୍ଞାନ କେନ୍ଦ୍ର ଝାରସୁଗୁଡ଼ା ପକ୍ଷରୁ ସାହାଯ୍ୟ, ସହଯୋଗ ଓ ତାଲିମ ପାଇ 'କଳିଙ୍ଗରାଜ' ମକା ଚାଷରୁ ସେ ବର୍ଷକୁ ମୋଟ ୨ ଲକ୍ଷ ୩୦ ହଜାର ଟଙ୍କା ପାଉଥିବାବେଳେ ୧ ଲକ୍ଷ ୭୭ ହଜାର ଟଙ୍କା ଲାଭ କରୁଛନ୍ତି। ଉନ୍ନତ ଚାଷପ୍ରଣାଳୀ ଓ ଅଭ୍ୟାସଗୁଡ଼ିକୁ ଗ୍ରହଣ କରିବା ଯୋଗୁଁ ତାଙ୍କ ଆୟ ମଧ୍ୟ ବୃଦ୍ଧି ପାଇଛି। ବର୍ତ୍ତମାନ ସେ ୪ଟି ଗ୍ରାମର ଚାଷୀମାନଙ୍କୁ ମକା ଚାଷ ସମ୍ବନ୍ଧୀୟ ନିଜ ଅଭିଜ୍ଞତା ବାଣ୍ଟୁଛନ୍ତି। ଏହା ସହ ଆୟ କିଭଳି ବିଗୁଣିତ ହୋଇପାରିବ ସେ ନେଇ ମଧ୍ୟ ସମ୍ୟକ୍‌ଜ୍ଞାନ ପ୍ରଦାନ କରୁଛନ୍ତି।

ଉନ୍ନତ ପ୍ୟାକେଜ୍, ଚାଷପ୍ରଣାଳୀ, ନୂତନ ପ୍ରଯୁକ୍ତିବିଦ୍ୟା ଓ ଜ୍ଞାନ କୌଶଳ ବିଷୟରେ ଅଧିକ ଜାଣିବା ପାଇଁ କୃଷି ବିଜ୍ଞାନ କେନ୍ଦ୍ର ସହିତ ଯୋଗାଯୋଗ କରିବାକୁ ମଧ୍ୟ ଜୟଦେବ ଚାଷୀଙ୍କୁ ପ୍ରେରିତ କରୁଛନ୍ତି। ସେ ବିଭିନ୍ନ ଫସଲ ଓ ବଗିଚା ପରିଚାଳନା ପାଇଁ ପ୍ରତିଦିନ ଜଣଙ୍କୁ ନିୟୋଜିତ କରୁଛନ୍ତି। ଫସଲ ଉତ୍ପାଦନ ବିଶେଷକରି ଧାନ ଓ ମକା ଚାଷ ସମୟରେ ପ୍ରତିବର୍ଷ ଶ୍ରମ ଦିବସରେ ୨୩୦ ରୁ ୨୪୦ ଜଣଙ୍କୁ ନିୟୋଜିତ କରୁଛନ୍ତି। ଯାହାଦ୍ୱାରା ସେ କେବଳ ନିଜ ପାଇଁ ନୁହେଁ ବରଂ ସ୍ଥାନୀୟ ଅଞ୍ଚଳର ଆର୍ଥିକ ପ୍ରଗତିରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଛନ୍ତି।

> ଦୃଢ଼ ଇଚ୍ଛାଶକ୍ତି ଯିଏକୌଣସିକୁ ସଫଳତା ଦେଇଥାଏ। ଏହାକୁ ପ୍ରମାଣିତ କରିଛନ୍ତି ଝାରସୁଗୁଡ଼ା ଜିଲ୍ଲା, ଲଖନପୁର ବ୍ଲକ୍ ଅନ୍ତର୍ଗତ ବଗାରୀ ଗ୍ରାମର ଜୟଦେବ ବିଶ୍ୱାଳ। ଚାଷ କେବଳ ଜୀବିକା ନୁହେଁ, ଏହା ଏକ ସ୍ୱାବଲମ୍ବୀ ଓ ସମୃଦ୍ଧିମୟ ଜୀବନ ପାଇଁ ସାଧନ ହୋଇପାରେ। ଏହାକୁ ବ୍ରତ କରି ସେ ଜଣେ ସଫଳ ଚାଷୀ ଭାବେ ସ୍ଥାନୀୟ ଅଞ୍ଚଳର ଅନେକ ଚାଷୀଙ୍କ ପାଇଁ ପ୍ରେରଣା ସାଜିଛନ୍ତି।

ଓଲକୋବି ଚାଷ

ଅକ୍ଟୋବର ମାସରେ ରବିଋତୁ ଚାଷ କାମ କରାଯାଏ। ଏହି ସମୟରେ କମ୍ ତାପମାତ୍ରା ଯୋଗୁଁ ଚାଷୀମାନେ ବିଭିନ୍ନ ଫୁଲ, ପନି ପରିବା ବିହନ ଲଗାଇ ଲାଭ ପାଇଥା'ନ୍ତି। ଗାଜର, ସିମଲା ଲଙ୍କା, ଲଙ୍କା, ମୂଳା, ବାଇଗଣ, ଟମାଟୋ ଆଦି ଚାଷ କରାଯାଉଥିଲେ ହେଁ, ଓଲକବି ଚାଷରୁ ଅଧିକ ଲାଭ ମିଳେ।

ଓଲକୋବି ଚାଷ ପାଇଁ ଅକ୍ଟୋବରରୁ ନଭେମ୍ବର ମାସ ଉପଯୁକ୍ତ ସମୟ। ଚାଷ ପାଇଁ ନିରିଡ଼ା, ଦୋରସା ମାଟି ଅନୁକୂଳ। ଏକର ପାଇଁ ୫୦୦ ଗ୍ରାମ୍ ବିହନ ଦରକାର। ତେବେ ମାଟିକୁ ଭୁଷ୍ଣ କରି ସେଥିରେ ଶୁଖିଲା ଖତ ପ୍ରୟୋଗ କରାଯାଏ। ମାଟିକୁ ସମତଳ କରି ପଟାଳି କରି ସେଥିରେ ବିହନ ବୁଣାଯାଏ। ଚାଷ ପୂର୍ବରୁ ମୃତ୍ତିକା ଓ ବିହନ ବିଶୋଧନ କରିବା ନିହାତି ଆବଶ୍ୟକ। ମୁଖ୍ୟ ଜମିରେ ଓଲକୋବି ଲଗାଇବା ସମୟରେ ଧାଡ଼ିକୁ ଧାଡ଼ି ୩୦ରୁ ୪୦ ସେ.ମି ଏବଂ ଗଛକୁ ଗଛ ଦୂରତ୍ୱ ୨୫ ସେ.ମିରେ ଲଗାଯାଏ। ଆରମ୍ଭରୁ ହାଲୁକା ଜଳ ସେଚନ କରି ୧୦ରୁ ୧୨ ଦିନ ଅନ୍ତରରେ ସିଞ୍ଚନ କରିପାରିବେ। ଜୈବିକ ପ୍ରଣାଳୀରେ ଚାଷ କରିବାକୁ ଚାହୁଁଥିଲେ, ନିମ୍ବ ଅର୍କ ପ୍ରୟୋଗ କରି ପାରିବେ। ଜୈବିକ ଖତ କିମ୍ବା ଶୁଖିଲା ଗୋବର ଖତ ସହିତ ନିମ୍ବ ପିଡ଼ିଆ ମିଶାଇ ଗଛମୂଳରେ ଦେବା ଦ୍ୱାରା ଅଧିକ ଅମଳ ହୁଏ। ଗଛ ଲଗାଇବାର ୫୫ରୁ ୬୦ ଦିନ ପରେ ଓଲକୋବି ଅମଳ କରିପାରିବେ।

କୃଷି ପାଣିପାଗ

ଏସପ୍ତାହ ପାଇଁ ପରାମର୍ଶ

- ଅଣଧାନ ଫସଲ ଓ ପନିପରିବା ଚଷଜମିରୁ ଅତ୍ୟଧିକ ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ। ରୋଗ ଓ ପୋକର ନିୟନ୍ତ୍ରଣ ପାଇଁ ଜମିକୁ ଘାସମୁକ୍ତ ରଖନ୍ତୁ।
- କୋବି ଜାତୀୟ ପନିପରିବା ତଳି ପଟାଳିରେ ତଳିଗଳା-କଟା ରୋଗ ଦେଖା ଦେଇଥାଏ। ଶୁଖିଲା ପାଗ ବେଳେ ଏହି ରୋଗର ପରିଚାଳନା ପାଇଁ ବିହନ ବୁଣିବା ପୂର୍ବରୁ ଏକ କିଗ୍ରା ମାଟିରେ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ କିମ୍ବା କାର୍ବୋକ୍ସିନ ଏବଂ ଥିରାମ ମିଶ୍ରିତ ଫିମ୍ପିନାଶକ ବିହନରେ ମିଶାଇ ବିଶୋଧନ କରନ୍ତୁ।
- ଭେଣ୍ଡିରେ ସାଦେକୀ ରୋଗ ଧଳାମାଛି ଦ୍ୱାରା ବ୍ୟାପିଥାଏ। ଏହାକୁ ପ୍ରତିରୋଧ କରିବାକୁ ପ୍ରତି କେଜି ବିହନକୁ ୪ ଗ୍ରାମ ଇମିଡାକ୍ଲୋପ୍ରିଡ ୭୦% ଡବ୍ଲ୍ୟୁଜି ସହ ମିଶାଇ ବିହନ ବିଶୋଧନ କରନ୍ତୁ।
- ଖରାଟିଆ ପାଗରେ ଅମୃତଭଣ୍ଡା ଗଛରେ ବହିଥାନ୍ତି ଦୁର୍ଣ୍ଣ ପୃଷ୍ଠ ପୋକ ପରିଚାଳନା ପାଇଁ ପ୍ରତି ଲିଟର ପାଣିରେ ୩ ମିଲି ନିମ୍ବ ଆଧାରିତ କୀଟନାଶକ ମିଶାଇ ସିଞ୍ଚନ କରନ୍ତୁ।

ଉତ୍କଳ ସମାଚାର

ସମ୍ପାଦକୀୟ...

ବୁଧବାର ୧୧ ମାର୍ଚ୍ଚ ୨୦୨୬

ତାପମାତ୍ରା ବୃଦ୍ଧିର ଚେତାବନୀ

ଚଳିତ ବର୍ଷ ଦେଶରେ ଗ୍ରୀଷ୍ମ ପ୍ରବାହ ଅସହ୍ୟ ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ସହ ବହୁ ଘରୋଇ ପାଣିପାଗ ସଂସ୍ଥା ପୂର୍ବାନୁମାନ କରିଛନ୍ତି । ମାର୍ଚ୍ଚ ମାସର ପ୍ରଥମ ସପ୍ତାହରେ ଦୈନିକ ଉଚ୍ଚ ତାପମାତ୍ରା ଏହାର ଏକ ଚେତାବନୀର ସଂକେତ ବୋଲି କହିଲେ ଅତ୍ୟୁକ୍ତି ହୋଇନପାରେ । କେବଳ ଏତିକି ନୁହେଁ, ଆଗକୁ ପରିସ୍ଥିତି କଣ ହେବ, ତାହାର ଏହା ଏକ ପ୍ରାକ୍ ସୂଚନା । ପାଣିପାଗ ବିଭାଗର ସୂଚନା ଅନୁଯାୟୀ ମାର୍ଚ୍ଚ ଦ୍ୱିତୀୟ ସପ୍ତାହ ବେଳକୁ ଦେଶର ବିଭିନ୍ନ ଭାଗରେ ବିଶେଷ କରି ଉତରଭାରତୀୟ ଅଂଚଳରେ ଦିନର ତାପମାତ୍ରା ୩୬ଡିଗ୍ରୀ ସେଲସିୟସ୍ ଅତିକ୍ରମ କରିବ । ଯାହାକି ଏହି ସମୟରେ ସ୍ୱାଭାବିକ ତାପମାତ୍ରାଠାରୁ ୪ଡିଗ୍ରୀ ଅଧିକ । ଆଂଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆମ ରାଜ୍ୟର ଝାରସୁଗୁଡା ଅଂଚଳରେ ତାପମାତ୍ରା ୩୯ ଡିଗ୍ରୀରେ ପହଁଚି ସାରିଲାଣି । ସୂଚନାଯୋଗ୍ୟ ଯେ, ଗତବର୍ଷ ଝାରସୁଗୁଡାର ତାପମାତ୍ରା ଦେଶରେ ରେକର୍ଡ ସୃଷ୍ଟି ଥିଲା । ଗ୍ରୀଷ୍ମ ଅବଧିରେ ଝାରସୁଗୁଡାର ଦୈନିକ ତାପମାତ୍ରା ହାରାହାରୀ ୪୨ଡିଗ୍ରୀ ଉପରେ ରହିଥିଲା । ଏକ ସର୍ଭେ ରିପୋର୍ଟରେ କୁହାଯାଇଛି ଯେ, ୧୯୮୦ ପରଠାରୁ ଦେଶରେ ହିଟୱେଭ୍ ସଂଖ୍ୟା ଦୁଇଗୁଣ କିମ୍ବା ତାଠାରୁ ଅଧିକ ହୋଇଛି । ସେହିପରି ଦେଶରେ ଅସହ୍ୟ ହିଟୱେଭ୍ ପ୍ରଭାବରେ ଅଂଶୁଘାତ ଜନିତ ମୃତାହତଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି । ବିଶ୍ୱ ତାପମାତ୍ରା ବୃଦ୍ଧି, କୋଇଲା, ଡିଜେଲ, ପେଟ୍ରୋଲ ଆଦି ଇନ୍ଧନର ବ୍ୟବହାର ଦିନକୁ ଦିନ ବୃଦ୍ଧି ପାଉଥିବାବେଳେ ଦୃତ ସହରୀକରଣ, ଆଖିବୁଜା ଗଛକଟା, ଜଙ୍ଗଲପୋଡି, ବ୍ୟାପକ ଜଙ୍ଗଲ ଧ୍ୱଂସ ସାଙ୍ଗକୁ ସବୁଜ ବଳୟ ପରିସର ପ୍ରତିବର୍ଷ ସଂକୁଚିତ ହେବା, ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଗ୍ୟାସର ଚାପ ବୃଦ୍ଧି ଅସହ୍ୟ ଗ୍ରୀଷ୍ମ ପ୍ରବାହର କାରଣ ବୋଲି କୁହାଯାଏ । ଉଲ୍ଲେଖଯୋଗ୍ୟ ଯେ, ଚଳିତବର୍ଷ ଦୀର୍ଘ ଅବଧି ଧରି ଦେଶରେ ଶୀତର ଲହରି ପରେ ଗ୍ରୀଷ୍ମ ଏବେ ହଠାତ୍ ତାପମାତ୍ରା ବୃଦ୍ଧି ଜଳବାୟୁ ଢାଂଚାରେ ଏକ ନିର୍ଦ୍ଦିଷ୍ଟ ପରିବର୍ତନ ସଂକେତ ପ୍ରଦାନ କରେ । କହିବା ବାହୁଲ୍ୟ ଯେ, ବସନ୍ତ ଋତୁ ଉଭାନ ହୋଇଯିବା ସହ ଆଗୁଆ ଗ୍ରୀଷ୍ମକାଳ ଆରମ୍ଭ ହୋଇଯାଇଛି । ଯାହାକି ଆଂଚଳିକ ବାୟୁମଣ୍ଡଳୀୟ ଏବଂ ଦୀର୍ଘକାଳୀନ ଜଳବାୟୁ ପରିବର୍ତନର ସନ୍ଦେଶ ପ୍ରଦାନ କରେ । ଏଭଳି ଜଳବାୟୁ ପରିବର୍ତନଶୀଳତାର ପ୍ରଭାବ ଜୀବନ ଓ ଜୀବିକାକୁ ପ୍ରଭାବିତ କରୁଛି । କେବଳ ଜୀବନ, ଜୀବିକା ନୁହେଁ, ଦେଶର ଅର୍ଥନୀତିକୁ ପ୍ରଭାବିତ କରିଥିବାବେଳେ କୃଷି କ୍ଷେତ୍ର ପାଇଁ ଉଦ୍‌ବେଗର କାରଣ ଭାବେ ଉଭା ହୋଇଛି । ୨୦୧୧ରେ ମାର୍ଚ୍ଚ-ଏପ୍ରିଲରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଗହମ ଚାଷ କ୍ଷତିଗ୍ରସ୍ତ ହୋଇଥିଲା । ବୋଧହୁଏ କେହି ଏହା ପାଶୋରୀ ନଥିବେ । ଜଳବାୟୁ ପରିବର୍ତନ ପ୍ରଭାବରେ ଦେଶରେ ସେଓ ଚାଷ ସହ ଫଳ ଓ ପନିପରିବା ଚାଷ ମଧ୍ୟ ପ୍ରଭାବିତ ହୋଇଛି । କହିବା ବାହୁଲ୍ୟ ଯେ, ଜଳବାୟୁ ପରିବର୍ତନ ଏକ ଆକସ୍ମିକ ପ୍ରବାହ ନୁହେଁ । ଦେଶରେ ଦିନକୁ ଦିନ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇଥିବାରୁ ଏହାକୁ ଦୃଷ୍ଟିରେ ରଖି ଏଣିକି ଜଳବାୟୁ ଉପଯୋଗୀ ବା ଜଳବାୟୁ ନମନୀୟ ଚାଷ ପାଇଁ ପ୍ରସ୍ତୁତ ହେବାକୁ ହେବ । ଅନ୍ୟଥା ଦେଶ ଗୁରୁତର ଖାଦ୍ୟ ସଂକଟର ସମ୍ମୁଖୀନ ହୋଇପାରେ । ଆସନ୍ତା ୨୦୫୦ ବେଳକୁ ଖାଦ୍ୟ ସଂକଟ ଦେଖାଦେବା ନେଇ ବିଜ୍ଞାନୀମାନେ ଚେତାବନୀ ଦେଇସାରିଲେଣି । ତେବେ କେବଳ ଖାଦ୍ୟ ସଂକଟ ନୁହେଁ, ଉତ୍କଟ ପାନୀୟ ଜଳ ସଂକଟକୁ ମଧ୍ୟ ଏଡାଇ ଦିଆଯାଇନପାରେ । ସାଧାରଣତଃ ଖରାଦିନ ଆସିଲେ ଆମ ଦେଶରେ ଉପକୂଳ, ସମତଳ, ଅଂଚଳ ଠାରୁ ଆରମ୍ଭ କରି ଦୁର୍ଗମ ପାହାଡିଆ ଅଂଚଳ ସବୁଠାରେ ଉତ୍କଟ ପାନୀୟ ଜଳ ସଂକଟର ଧ୍ୱନୀ ଶୁଣାଯାଏ । କୁଅ ପୋଖରୀ ଶୁଖିଯିବା ସହ ଭୂତଳ ଜଳ ମଧ୍ୟ ହ୍ରାସ ପାଇବାରେ ଲାଗିଛି । ଯାହାକି ଏବେ ଚିନ୍ତାର କାରଣ । ସେହିପରି ବିଦ୍ୟୁତ ସଂକଟ ମଧ୍ୟ ଦେଖାଯାଏ । ବିଦ୍ୟୁତ ଓ ପାନୀୟ ଜଳ ସଂକଟର ମୁକାବିଲା ପାଇଁ ଆଗୁଆ ସତର୍କତାମୂଳକ ପଦକ୍ଷେପ ଗ୍ରହଣ ଜରୁରୀ । ଏହା ନିସନ୍ଦେହ ଯେ, ଜଳବାୟୁ ପରିବର୍ତନ ଏବଂ ତାପମାତ୍ରା ବୃଦ୍ଧି କେବଳ ଗୋଟଏ ଦେଶର ସମସ୍ୟା ନୁହେଁ, ଏହା ଏକ ବୈଶ୍ୱିକ ସମସ୍ୟା । ଏବେ ରାଷ୍ଟ୍ର-ରାଷ୍ଟ୍ର ମଧ୍ୟରେ ଯୁଦ୍ଧ, ବୈଶ୍ୱିକ ତାପମାତ୍ରାକୁ ଆହୁରି ପ୍ରଜ୍ଜଳିତ କରିବା ଖୋରାକ୍ ଯୋଗାଇଛି ବୋଲି କହିଲେ ଭୁଲ ହୋଇନପାରେ । ତେଣୁ ବେଳହୁଁ ସାବଧାନ ନହେଲେ, ତାପମାତ୍ରା ବୃଦ୍ଧି ମୁକାବିଲା ପାଇଁ ଯୋଜନା ନକଲେ, ଧ୍ୱଂସ ହି ସାର ହେବ ।

ତେଜସ୍ୱିନୀ ମହିଳା ସଂଗଠନ ପକ୍ଷରୁ ମହିଳା ଦିବସ ପାଳିତ

ଭଦ୍ରକ,: ଓଡିଶା ତେଜସ୍ୱିନୀ ମହିଳା ସଂଗଠନ ପକ୍ଷରୁ ଗତକାଲି ରବିବାର ସନ୍ଧ୍ୟାରେ ଭଦ୍ରକ ର ଜିଲ୍ଲା ସଂସ୍କୃତି ଭବନ ଠାରେ ସପ୍ତମ ବର୍ଷ ର ମହିଳା ଦିବସ ପାଳିତ ହୋଇଯାଇଛି । ସଭାପତି କଳ୍ପନା ଜେନାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଦିଲୀପ ରାଉତରାଏ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ତଥା ମନ୍ତ୍ରୀ ଙ୍କ ମା ଉର୍ମିଳା ପାଣିଗ୍ରାହୀ, ବରେଣ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷା ଉର୍ମିଳା ନାୟକ, ଚଳଚିତ୍ର ଅଭିନେତ୍ରୀ କାନ୍ତା ସିଂ, ଆଇନଜୀବୀ ଆକାଂକ୍ଷା କବି, ଉପଦେଷ୍ଟା ବାସନ୍ତୀ ଲତା ପରିଡା, ଦୀପାଳି ମିଶ୍ର, ସମ୍ପାଦିକା ଅଞ୍ଜନା ମିଶ୍ର, ଅଧ୍ୟକ୍ଷ ନିହାର ରଞ୍ଜନ କର ପ୍ରମୁଖ ଯୋଗଦେଇ କହିଲେ ମହିଳାଙ୍କ ଉନ୍ନତିରେ ସମାଜର ଉନ୍ନତି' ହୋଇଥାଏ ଓ ମହିଳାମାନଙ୍କ ଅଧିକାର, ସଶକ୍ତୀକରଣ ଓ ସମାଜରେ ସେମାନଙ୍କ ଭୂମିକା କଣ ହେବା ଦରକାର ସେଥି ଉପରେ ପରାମର୍ଶ ଦେଇଥିଲେ । ତେଜସ୍ୱିନୀ ମହିଳା ସଂଗଠନ ପକ୍ଷରୁ ମାର୍ଗ ଦର୍ଶକ ସାମ୍ବାଦିକ ରବିନାରାୟଣ ଖିଲାର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ, ଉପଦେଷ୍ଟା ଡ଼. ଜାନକୀ ପାଢ଼ୀ ଅତିଥି ପରିଚୟ ପ୍ରଦାନ, ଉପସଭାପତି ମନୋରମା ରାୟ ମଂଚ ଆମନ୍ତ୍ରଣ, ଚୈତାଳୀ ଖିଲାର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ମହିଳାମାନଙ୍କ ମଧ୍ୟରେ କବିତା ପାଠ କରାଯାଇ କୃତୀ କବାୟତ୍ରୀ ମାନକୁ ପୁରସ୍କୃତ କରାଯାଇଥିଲା । ସଂଯୋଜିକା ଦୀପ୍ତିମୟୀ ସାହୁ, ଆଇନଜୀବି ଅଞ୍ଜୁବାଳା ରାଉତ, ସହସମ୍ପାଦିକା ସାବିତ୍ରୀ ସେଠୀ, ରିତାଞ୍ଜଳୀ ମହାରଣା, ଶାନ୍ତିଲତା ବାରିକ, ସଂଯୁକ୍ତା ଯାଦବ, ବୀଣାପାଣି ତ୍ରିପାଠୀ ପ୍ରମୁଖ କବିତା ସଂଯୋଜନା କରିଥିଲେ ଆବାହକ ରେଣୁବାଳା ଖିଲାର ଧନ୍ୟବାଦ ଅର୍ପଣ କରିଥିଲେ । ଡା ଅନିତା ଦାସ, ସ୍ୱାସ୍ଥ୍ୟ ସେବିକା ମାନସୀ କୁଅଁର,ବିଜୟଲକ୍ଷ୍ମୀ ମହାକୁଡ଼, ଭଦ୍ରକ ସେବା ଗ୍ରୁପ, ସିଦ୍ଧିବିନାୟକ ଗ୍ରୁପ,

ଏଥର ଜୀବନ : ପଛରୁ ବୁଝିବା, ଆଗକୁ ଜିଇବା...

ବିଶିଷ୍ଟ ଡେନିସ୍ ଲେଖକ ଓ ଚିନ୍ତକ ସୋରେନ୍ କିର୍କେଗାର୍ଡ ନିଜସ୍ୱ ଏକ ଦିନଲିପିରେ (ଜର୍ଣ୍ଣାଲ ଏଣ୍ଟ୍ରି) ଲେଖିଛନ୍ତି, "ଲାଇଫ୍ କ୍ୟାନ୍ ଓନ୍‌ଲି ବି ଅଣ୍ଡରଷ୍ଟୁଡ ବ୍ୟାକ୍ୱାର୍ଡସ, ବଟ୍ ଇଟ୍ ମଷ୍ଟ୍ ବି ଲିଭ୍‌ଡ ଫର୍ୱାର୍ଡସ" । ଜୀବନକୁ କେବଳ ତା'ର ପୃଷ୍ଠ ଭାଗରୁ ବୁଝାଯାଇପାରେ ମାତ୍ର ସମ୍ମୁଖ ଆଡ଼କୁ ଜିଇବାକୁ ପଡ଼ିଥାଏ । ଅର୍ଥାତ୍ ବିତିଥିବା ଜୀବନକୁ ବୁଝିପାରିଲେ ସୁଗମ ଅଗ୍ରଗତି ସମ୍ଭବ । ଏ କଥାଟିର ବିରୋଧାଭାଷ ପରି ମନେହୁଏ ଋଗବେଦ ଅନ୍ତର୍ଗତ ଐତରେୟ ବ୍ରାହ୍ମଣ ଉପନିଷଦର (୩୩/୩) କିଛି ଉପଦେଶ: "ଚରଣବୈ ମଧୁ ବିନ୍ଦତି ଚରଣ୍ ସ୍ୱାଦୁମୁଦୁମ୍ବରମ୍ / ସୂର୍ଯ୍ୟସ୍ୟ ପଶ୍ୟ ଶ୍ରେମାଣଂ ୟୋନ ତନ୍ଦ୍ରୟତେ ଚରଣଂ, ଚରୈବେତି, ଚରୈବେତି ।" ସମଗ୍ର ପାଂଚଟି ଶ୍ଳୋକର ଭାବାର୍ଥ ହେଉଛି, ମହୁମାଛିଟିଏ ଆଗକୁ ଆଗକୁ ଘୂରି ବୁଲିଲେ ହିଁ ମଧୁଭରା ଫୁଲର ସନ୍ଧାନ ପାଇଥାଏ, ପକ୍ଷୀଟି ପଛକୁ ନଦେଖି ଆଗକୁ ଆଗକୁ ଗତି କରି ସୁସ୍ୱାଦୁ ଫଳ ନିକଟରେ ପହଂଚିଥାଏ । ଅଗ୍ରଗାମୀ ସୂର୍ଯ୍ୟ କେବେ ପଛକୁ ଚାହାଁନ୍ତି ନାହିଁ, ତେଣୁ ସର୍ବପୂଜ୍ୟ ହୋଇଥାନ୍ତି । ଜୀବନରେ ସଫଳତା ପାଇଁ ମନୁଷ୍ୟକୁ ମଧ୍ୟ ସେହିପରି ଅଗ୍ରଗତିର ଆବଶ୍ୟକ, ତେଣୁ ଚାଲିବା ଜାରି ରଖ । ବେଦର ଉପଦେଶ ମାନିନେଇ ପରିଣତି ବିଷୟରେ ଚିନ୍ତା ନକରି ଓ କୌଣସି ପ୍ରାକ୍ ପ୍ରସ୍ତୁତି ନକରି ଜୀବନର ନୌକାକୁ ଆଗକୁ ବାହି ନେବା ନିରାପଦ ନା କିର୍କେଗାର୍ଡଙ୍କ ଅନୁସାରେ ଆଗକୁ ପାଦ ପକାଇବା ପୂର୍ବରୁ ପଛକୁ ଚାହିଁ ପ୍ରଥମେ ଜିଇ ସାରିଥିବା ଜୀବନକୁ ତର୍ଜମା କରିବା ବିଧେୟ ଏ ସଂପର୍କରେ ଚାଲନ୍ତୁ କିଛି ଆଲୋଚନା କରିବା । ଏକ ସମୟରେ ଜୀବନକୁ ଜିଇବା ଓ ଜିଇ ସାରିଥିବା ଜୀବନର ବିଶ୍ଳେଷଣ କରିବା ସହଜ ନୁହେଁ । ତା' ଅର୍ଥ ଜୀବନକୁ କୌଣସି ସମୟରେ ସଂପୂର୍ଣ୍ଣ ବୁଝିପାରିବା ଅସମ୍ଭବ । ଏପରି କୌଣସି ଏକ ମୁହୂର୍ତ ମନୁଷ୍ୟ ନିକଟରେ ଉପଲବ୍ଧ ନୁହେଁ ଯେତେବେଳେ ସମୟ ସ୍ଥିର ହୋଇଯାଇ ଜିଇବା ପୂର୍ବରୁ ଜୀବନକୁ ବୁଝିବାପାଇଁ ସମୟ ଦେବ । ସ୍ରୋତସ୍ୱିନୀ ନଦୀରେ ଭାସମାନ ନୌକା ସଦୃଶ ବର୍ତମାନ କାଳ ଖଣ୍ଡର ନୌକାରେ ସବାର ମନୁଷ୍ୟ ସମୟର ସ୍ରୋତରେ ଭବିଷ୍ୟତ ଆଡ଼କୁ ଅବିରତ ଗତି କରୁଛି । ଆଗରେ କେଉଁ ପରିଣାମ ଅପେକ୍ଷା କରିଛି ଆମକୁ ଜଣାନାହିଁ । ବିତିଯାଇଥିବା ପ୍ରତ୍ୟେକଟି ମୁହୂର୍ତ ଜିଇବାର ଅଭିଜ୍ଞତାକୁ ସଙ୍ଗରେ ନେଇ ପଛକୁ ଚାଲି ଯାଉଛି । ଜିଇ ସାରିଥିବା ଜୀବନର ଅଭିଜ୍ଞତାକୁ ବିଶ୍ଳେଷଣ କଲେ ହିଁ ଆଗାମୀ ଅଜ୍ଞାତ ଆହ୍ୱାନର ସମ୍ମୁଖୀନ ହେବା ସହଜ । ତେଣୁ ଅନ୍ତର୍ଦୃଷ୍ଟି ସହିତ ପଶ୍ଚାଦ୍‌ଦୃଷ୍ଟିର ମିଶ୍ରଣ ହେଲେ ହିଁ ଦୂରଦୃଷ୍ଟି ସମ୍ଭବ, ଯାହା ଜୀବନର ଯାତ୍ରା ପଥକୁ ନିରାପଦ କରିପାରେ । ଘଟଣା ଓ ନିଷ୍ପତିର ସମାହରଣ ହେଉଛି ଜୀବନର ଗତିଶୀଳତା । ଜୀବନକୁ ଜିଇବା ସମୟରେ ପରିସ୍ଥିତି ଓ ପରିଣତିର ଏତେ ନିକଟତର ହେବାକୁ ପଡ଼େ ଯେ, ଜିଇବାର ଗୁରୁତ୍ୱ ଓ ଫଳାଫଳ ସଂପର୍କରେ କୌଣସି ପ୍ରାକ୍ ସୂଚନା ଆମ ପାଖରେ ନଥାଏ । ବିତିଯାଇଥିବା ଜୀବନକୁ ପଛରୁ ଦେଖି ବର୍ତମାନ ଓ ଭବିଷ୍ୟତକୁ ବିଶ୍ଳେଷଣ କରି ହୁଏ, ଫଳ ସ୍ୱରୂପ ବଚିଂବା ହୋଇଥାଏ ସୁଖକର । ପଶ୍ଚାଦ୍‌ଦୃଷ୍ଟି ଅନୁଶୋଚନା ନୁହେଁ ବରଂ ଜୀବନର ପ୍ରତିଫଳନ । ଏ ପ୍ରତିଫଳିତ ଆଲୋକ ଆଗାମୀ ଜୀବନର ପଥଦର୍ଶୀ । ଅତୀତର ପ୍ରତ୍ୟେକ ଭୁଲ୍ ଓ ଠିକ୍ କାର୍ଯ୍ୟ, ପ୍ରତ୍ୟେକ ଦୁର୍ଯୋଗ ଓ ସୁଯୋଗ ଏବଂ ପ୍ରତ୍ୟେକ ଅପ୍ରତ୍ୟାଶିତ ଫଳାଫଳ ଆଗାମୀ ଜୀବନକୁ ସୁଖ ଯାତ୍ରାରେ ପରିଣତ କରିବାରେ ସହାୟକ ହୋଇଥାଏ । ମାନବ ଜୀବନ ଥରଟିଏ ମିଳେ, ତେଣୁ ଆମର କେଉଁକେଉଁ ନିଷ୍ପତ୍ତି ଠିକ୍ ଓ କେଉଁଗୁଡ଼ିକ ଭୁଲ୍ ତାକୁ ଗୋଟିଏ ଜୀବନ କାଳରେ ତର୍ଜମା କରି ସଂଶୋଧନ କରିବା କଷ୍ଟକର । ଏକ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ଆମେ କେବଳ ଗୋଟିଏ ନିଷ୍ପତି ନେଇପାରିବା । ସେଥିପାଇଁ ଏକମାତ୍ର ସହଜ ରାସ୍ତା ହେଉଛି ବଚିଂ ସାରିଥିବା ଜୀବନର ସୂକ୍ଷ୍ମାତିସୂକ୍ଷ୍ମ ତର୍ଜମା । ଜୀବନ ଏକ ସମାଧାନଯୋଗ୍ୟ ସମସ୍ୟା ନୁହେଁ, ବରଂ ଏକ ଅନୁଭବଯୋଗ୍ୟ ବାସ୍ତବତା । ସେ ବାସ୍ତବତା ଉପଭୋଗ୍ୟ ହେବାର ସୂତ୍ରଟି ରହିଛି ଆମର ପଛରେ ପଡ଼ିଥିବା ପଦଚିହ୍ନରେ । ଅଦ୍ୱୈତ ବେଦାନ୍ତ କହେ, "ଯତ୍ରୋ ଯତ୍ରୋ ମନୋ ଯାତି ତତ୍ର ତତ୍ର ସମାଧୟଃ" । ମନ ଯେଉଁ ଯେଉଁ ଆଡ଼କୁ ଗତି କରେ ସେଠାରେ ସମାଧିସ୍ଥ ହୋଇଯାଏ । ଜୀବନ ବର୍ତ୍ତମାନର କାଳ ଖଣ୍ଡରେ ସ୍ଥିର ରହିଥାଏ । ମନ ଆଗାମୀ ଭବିଷ୍ୟତର ପରିଣତିକୁ ଖାତିର କରେନି ମାତ୍ର ଜୀବନ ସେ ପରିଣତିର ଉପଭୋକ୍ତା ହୋଇଥାଏ । ଏ ଉଭୟର ସନ୍ତୁଳନ ନିର୍ଭର କରେ ଏକତ୍ରୀଭୂତ ଜ୍ଞାନ ଓ ଆଗାମୀ ସମ୍ଭାବନାର ତାଳମେଳରେ । ଜିଇ ସାରିଥିବା ଜୀବନ ହିଁ ତ ଏକତ୍ରୀଭୂତ ଜ୍ଞାନ, ନୁହେଁ କି ? କ୍ରିୟା ଓ ତା'ର ପ୍ରତିଫଳନ, ଶିକ୍ଷା ଓ ଶିକ୍ଷା ଅନୁଯାୟୀ କାର୍ଯ୍ୟ, ଅନୁଭବରୁ ସୃଷ୍ଟ ନିରାପତା ଓ ଅଜ୍ଞାତ ଭବିଷ୍ୟତର ଅନିଶ୍ଚିତତା ଆଦି ମଧ୍ୟରେ ନିହିତ ସଂପର୍କକୁ କିର୍କେଗାର୍ଡ ତାଙ୍କର ଏଇ ସାଧାରଣ ଉକ୍ତିଟି ମାଧ୍ୟମରେ ବୁଝାଇଦେଇ କହିଛନ୍ତି ଯେ, ଜୀବନକୁ ଯେନତେନ ଜିଇ ନେବା ଏକ ଅନ୍ଧ ଅଗ୍ରଗତି । ଜିଇବାର ପ୍ରକୃତ ଅର୍ଥ ବଚିଂ ସାରିଥିବା ଜୀବନର ଅନୁଭବରୁ କେବଳ ମିଳିବା ସମ୍ଭବ । ଅତୀତର ଅଭିଜ୍ଞତା ଆଧାରରେ ଭବିଷ୍ୟତ ହୋଇଥାଏ ଆମର ନିରାପଦ, ଠିକ୍ ଅତୀତରେ ସାପର ଚୋଟ ଖାଇଥିବା ବ୍ୟକ୍ତି ଦୂରରୁ ଦଉଡ଼ି ଖଣ୍ଡିଏ ଦେଖି ସତର୍କ ହୋଇଯିବା ପରି । ସଫଳତାର ମୂଳ ସୂତ୍ର କାର୍ଯ୍ୟ ପୂର୍ବର ଅଭିଜ୍ଞତା ଓ ପରବର୍ତୀ ସମୀକ୍ଷା । କାର୍ଯ୍ୟ ଓ ବୁଝାମଣା, ଗତି ଓ ପ୍ରଗତି ଏବଂ ଜ୍ଞାନ ଓ ସାହସ ମଧ୍ୟରେ ଜୀବନ ଚିରନ୍ତନ ନୃତ୍ୟ କରି ଚାଲିଛି । ଏ ନୃତ୍ୟଟି ସରସ ସୁନ୍ଦର ହୋଇପାରୁଛି ଅତୀତକୁ ଗୁରୁତ୍ୱ ଦେଇ ଭବିଷ୍ୟତକୁ ବିଶ୍ଳେଷଣ କରି ପାରିବା ହେତୁ । ଏ ସନ୍ତୁଳନକୁ ବୁଝିନେଇ ଜୀବନ ଯାତ୍ରାକୁ ଆୟତରେ ରଖିବା ସମୟର ଆହ୍ୱାନ, ଠିକ୍ ଯେମିତି ମୋଟର ଯାନଟି ଆଗକୁ ଗଡ଼ିବା ପାଇଁ ଆବଶ୍ୟକ ହୁଏ ପୃଷ୍ଠଦର୍ଶୀ ଦର୍ପଣର । ଅତୀତର ପ୍ରତିଫଳନକୁ କିନ୍ତୁ ବର୍ତ୍ତମାନ ସହିତ ସନ୍ତୁଳିତ କରିବା ଏତେ ସହଜ ନୁହେଁ । ଅତୀତ ଉପରେ ଅତ୍ୟଧିକ ନିର୍ଭରଶୀଳତା ଆଣି ଦେଇପାରେ ସ୍ମୃତି ବିଭୋରତା ଓ ଅନୁତାପ ପରି ଅନାବଶ୍ୟକ ଆବେଗ, ଯାହା ହୁଏତ ଗତିରୋଧକ ହୋଇପାରେ । ଅତୀତ ଜୀବନକୁ ଅଣଦେଖା କରି କେବଳ 'ଚରୈବେତି', 'ଚରୈବେତି' କହି ଆଗକୁ ଚାଲିଲେ ଅନ୍ତର୍ଦୃଷ୍ଟିରୁ ଧ୍ୟାନ ବିକେନ୍ଦ୍ରିତ ହୋଇପାରେ ଓ ପୂର୍ବ ଭୁଲ୍‌ର ପୁନରାବୃତି ଘଟିବାର ସମ୍ଭାବନା ଥାଏ । ଅତଏବ ଜୀବନକୁ ପଛରୁ ବୁଝିସାରି ଆଗକୁ ଜିଇବା ସର୍ବୋତମ ଉପାୟ । ସଂକ୍ଷେପରେ କହିଲେ, ଜୀବନର ମୂଲ୍ୟବୋଧ କର୍ମଶକ୍ତି ଓ ବୋଧଶକ୍ତିର ଏକ ମିଶ୍ରିତ ଉପାଦାନ । ଜଣେ ପ୍ରସିଦ୍ଧ କବି ସେଥିପାଇଁ କହିଛନ୍ତି, "ବିତେ ପଲୋଁ କେ ତଜୁର୍ବେ ସେ, ଜୋ ସବକ୍ ମିଲତେ ହେଁ / ଉନ୍ ?ହିଁ କି ରୋଶନି ମେଁ ହମ୍, ଆଗେକି ରାହ୍ ଚଲତେ ହେଁ / ସମଝନା ହେ ତୋ ପିଛେ ଦେଖ୍, ଜିନା ହେ ତୋ ଆଗେ ବଢ୍ / ହର୍ ଲମ୍‌ହା ଜୀନ୍ଦଗି କା, ବସ୍ ଚଲପଡ୍ ଚଲପଡ୍" । ଏହା ହିଁ ହେଉଛି କିର୍କେଗାର୍ଡ ଓ ଋଗବେଦ, ଏ ଉଭୟଙ୍କ ପ୍ରଦତ ଜୀବନ ଜିଇବାର ଯୁଗଳ-ମନ୍ତ୍ର । ତେଣିକି ନିଷ୍ପତି ଆପଣଙ୍କର ।

କାମ, କ୍ରୋଧ, ଅହଂକାର, ଅସତ୍ୟ ଓ ଅଧର୍ମର ବିନାଶର ତିଥି ହିଁ ପଚୁଂଦୋଳ

ଶ୍ରୀପଚଂମୀ ଅବସରରେ ହିଁ ପ୍ରେମର ପ୍ରତୀକ ଅବିର ଖେଳର ଆୟମାରମ୍ଭ ହୋଇଥାଏ । ଏହି ପର୍ବର ଅନ୍ତିମ ତିଥି ହେଉଛି ପଚୁଂଦୋଳ । ଦୋଳ ପୂର୍ଣ୍ଣିମାରୁ ପାଂଚଦିନ ପରେ ହିଁ ଏହି ତିଥି ପଡ଼ିଥାଏ । ଦୋଳପୂର୍ଣ୍ଣିମାର ପାଂଚଦିନ ପରେ ଏହି ତିଥି ପଡୁଥିବାରୁ ଏହାକୁ ପଚୁଂଦୋଳ କୁହନ୍ତି । ଏହି ତିଥିକୁ ନେଇ ପୌରାଣିକ କଥାବସ୍ତୁ ସେପରି କିଛି ନାହିଁ; ତଥାପି ଓଡ଼ିଶାର ଜନଜୀବନରେ ଏହି ପର୍ବ ବେଶ୍ ପ୍ରଭାବ ବିସ୍ତାର କରିଛି । କେବଳ ଓଡ଼ିଶା ନୁହେଁ ସମଗ୍ର ଭାରତ ଏପରିକି ସାରା ବିଶ୍ୱରେ ପ୍ରଭୁ ରାଧାକୃଷ୍ଣଙ୍କ ଯୁଗଳ ଲୀଳା ପ୍ରଚଳିତ ଅଛି । ରୂପ ଓ ରସର ଏହା ଅପୂର୍ବ ଲୀଳା । ସମଗ୍ର ମାନବୀୟ ଚିନ୍ତାଚେତନାକୁ ଗଭୀର ଭାବରେ ପ୍ରଭାବିତ କରିଛି । ହୋଲି ବା ଦୋଳ ଉତ୍ସବ ହେଉଛି ବିଜୟର ପର୍ବ । ଅଜ୍ଞାନ ଅନ୍ଧକାରକୁ ଦୂରେଇ ଆଲୋକ ଓ ଆନନ୍ଦକୁ ଆହ୍ୱାନ କରିବା ହେଉଛି ଏ ପର୍ବର ମୁଖ୍ୟ ଆଧାର । ଏହି ପର୍ବ ଉତ୍ତର ଫାଲ୍‌ଗୁନୀ କ୍ଷେତ୍ରାରାଶି ପୂର୍ଣ୍ଣିମା ତିଥିରେ ହିଁ ଅନୁଷ୍ଠିତ ହୋଇଥାଇ । ପାଲ୍‌ଗୁନ ପୂର୍ଣ୍ଣିମାର ପୂର୍ବରାତ୍ରିରେ ମେଢ଼ାସୁର ଏବଂ ହୋଲିକା ରାକ୍ଷସିକୁ ବଧ କରି ସେମାନଙ୍କ ମର ଦେହକୁ ନିଆଁରେ ଭସ୍ମ କରିବା ପାଇଁ ଅଗ୍ନି ଉତ୍ସବର ଆୟୋଜନ କରିଥିଲେ । ଏହି ଅଗ୍ନିର ଚତୁଃପାର୍ଶ୍ୱ ପ୍ରଦକ୍ଷଣ କରି ବ୍ରଜବାସୀଗଣ ଆନନ୍ଦରେ ବିଭୋର ହୋଇ ଅବିର ଖେଳରେ ମଜ୍ଜି ଯାଇଥିଲେ । ଶତ୍ରୁ ନିପାତର ଆନନ୍ଦରେ ପାଞ୍ଚସଦିନ ବ୍ୟାପି ଏହି ପର୍ବ ପାଳନ କରିଥିଲେ । ବାଳୁତ କୃଷ୍ଣଙ୍କୁ ଦୋଳିରେ ବସାଇ ଦୋଳ ଉତ୍ସବ ବନାସିଥିଲେ । ପ୍ରେମମୟୀ ରାଧା ବିଭିନ୍ନ ରଙ୍ଗ ଅବିର ଧରି ଗୋପ ଗୋପାଳୁଣୀଙ୍କ ସହ ଦିବା ଆନନ୍ଦରେ ବିଭୋର ହୋଇ ଉଠିଥିଲେ । ଏହି ଗୌରବ ମହାଆନନ୍ଦର ସ୍ମୃତିକୁ ସମଗ୍ର ବିଶ୍ୱ ମାନବଙ୍କ ପାଖରେ ପହଚାଂଇବା ପାଇଁ ହିଁ ଦୋଳ ଉତ୍ସବର ସୃଷ୍ଟି । ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଅତ୍ୟନ୍ତ ଭାବଗମ୍ଭୀର ଓ ଆନନ୍ଦିତ ସ୍ୱରରେ ଶ୍ରୀକୃଷ୍ଣଙ୍କ ରାସଲୀଳା ବ୍ୟାଖ୍ୟା କଲେ । ଶ୍ରୀମଦ୍ ଭାଗବତରେ ବର୍ଣ୍ଣିତ ଅଛି - ଏକ ଜ୍ୟୋସ୍ନାପ୍ଲାବିତ ଶାରଦ ରଜନୀରେ ପ୍ରଭୁ ଶ୍ରୀକୃଷ୍ଣଙ୍କୁ କେନ୍ଦ୍ର କରି ଗୋପୀମାନେ ଆନନ୍ଦରେ ନୃତ୍ୟ କରୁଥିଲେ । ଏହି ନୃତ୍ୟଲୀଳା କେବଳ ଆକ୍ଷରିକ ଅର୍ଥରେ, ଏକ ବିଶେଷ ସ୍ଥାନରେ ବା ବିଶେଷ ସମୟରେ ଯେ ସଂଗଠିତ ତାହା ନୁହେଁ । ଏହି ନୃତ୍ୟ ଚିରନ୍ତନ । ଏହାକୁ କୁହାଯାଏ ଜୀବନର ଛନ୍ଦାୟିତ ଚଳନ, ଯାହାର ତାଳ କେବେ ଭଙ୍ଗ ହୁଏନାହିଁ । ଅନ୍ୟ ଅର୍ଥରେ ଏହିପରି ଚଳନରେ ଯିଏ ଚାଲେ ତାର କେବେ ବେତାଳରେ ଗୋଡ଼ ପଡ଼େ ନାହିଁ । ଜୀବନ ଯେତେବେଳେ ଇଷ୍ଟଗୁରୁଙ୍କ (ଶ୍ରୀକୃଷ୍ଣ) ପ୍ରତି ଅନୁରାଗବଦ୍ଧ ହୋଇ ଉଠେ ଓ ପ୍ରଭୁଙ୍କର ଆଦିଷ୍ଟ ଚଳନରେ ଚାଲେ, ସେତେବେଳେ ଆଉ ଭ୍ରାନ୍ତି ଆସେନାହିଁ । ରାସଲୀଳା ହେଉଛି ଏହାର ଇଙ୍ଗିତ । ଜୀବକୁଳ ଯଦି ଏହି ଭାବରେ କୁଳମାଲିକଙ୍କୁ କେନ୍ଦ୍ର କରି ସୁତାଳ ଚଳନରେ ଚାଲନ୍ତି ତେବେ ଆଉ ଦିଗ୍‌ଭ୍ରାନ୍ତ ହେବାର ସମ୍ଭାବନା ନଥାଏ । ଏହି କେନ୍ଦ୍ରାୟିତ ଆବର୍ତ୍ତନ ସୃଷ୍ଟିର ସୂକ୍ଷ୍ମାତିସୂକ୍ଷ୍ମ ପର୍ଯ୍ୟାୟରେ ଏକ ଏଟମ୍ ଭିତରେ ମଧ୍ୟ ନିହିତ ଅଛି । ସେଠାରେ ମଧ୍ୟ ଏକ ପ୍ରୋଟନ୍‌କୁ କେନ୍ଦ୍ର କରି ଚାଲିଛି ଇଲେକ୍‌ଟ୍ରନର ଆବର୍ତନ । ଶ୍ରୀ ଶ୍ରୀ ଠାକୁର କଥା ପ୍ରସଙ୍ଗରେ ଦିନେ କହିଲେ - ଭଗବାନ ଶ୍ରୀକୃଷ୍ଣଙ୍କର ରାସଲୀଳା ଏହି ଏଟମ୍ ଭିତରେ ନିତ୍ୟ ଗତିଶୀଳତାର ଅଭିବ୍ୟକ୍ତି । ଏକ ଏଟମ୍‌ର କେନ୍ଦ୍ରାୟିତ ଆବର୍ତ୍ତନ ଯେଭଳି ସେହି ଏଟମ୍‌କୁ ଧରି ରଖିବାରେ ସାହାଯ୍ୟ କରେ, ଭାଙ୍ଗିଯିବାକୁ ଦିଏ ନାହିଁ, ସେହିପରି ଜୀବନକୁ ସୁସଂସ୍ଥ ଓ ସୁସଂବଦ୍ଧ କରି ରଖିବାକୁ ହେଲେ ଆବଶ୍ୟକ ଜୀବନର କୁଳମାଲିକ ବା ଇଷ୍ଟଗୁରୁଙ୍କ ପ୍ରତି ଅଚ୍ୟୁତ ନିଷ୍ଠାନନ୍ଦିତ ସୁକେନ୍ଦ୍ରିକ ଅନୁଚଳନ । ଏହି ଚଳନରେ ହିଁ ଜାଗି ଉଠେ ବ୍ୟକ୍ତିତ୍ୱ, ଜୀବନ ହୁଏ ଆନନ୍ଦମୟ ଓ ସେହି ଦିବ୍ୟ ଚଳନର ଦ୍ୟୋତକ ହିଁ ରାସଲୀଳା । ଶ୍ରୀକୃଷ୍ଣଙ୍କର ଲୀଳାକାଳରେ ଏକ ବିଶେଷ ଅଂଶ ଘଟେ ବୃନ୍ଦାବନରେ । ସେଠାରେ ସେ ବହୁ ଅସୁର ମାନଙ୍କର ନିଧନ କରି ବହୁ ଶରଣାଗତଙ୍କୁ ରକ୍ଷା କରିଛନ୍ତି । ଏହି ବୃନ୍ଦାବନ ହେଉଛି ଏକ ସ୍ଥାନର ନାମ । ଶ୍ରୀକୃଷ୍ଣ ବୃନ୍ଦାବନକୁ ଏତେ ଭଲପାନ୍ତି ଯେ ସେ ବୃନ୍ଦାବନ ପରିତ୍ୟାଗ କରି ଅନ୍ୟତ୍ର ଯିବାକୁ ଚାହାଁନ୍ତି ନାହିଁ - ବୃନ୍ଦାବନଂ ପରିତ୍ୟଜ୍ୟ ପାଦମେକଂ ନ ଗଚ୍ଛାମି । କିନ୍ତୁ ବୃନ୍ଦାବନ ବାଲ୍ୟଲୀଳା ପରେ ମଧ୍ୟ ଶ୍ରୀକୃଷ୍ଣ ଲୀଳା କରିଛନ୍ତି ମଥୁରା, ହସ୍ତିନାପୁର ଓ ଦ୍ୱାରକାରେ । ଏହି ପ୍ରସଙ୍ଗରେ ଦୟାଲ ଶ୍ରୀ ଶ୍ରୀ ଠାକୁର କହିଛନ୍ତି - ବୃନ୍ଦାବନ ଶବ୍ଦ ଭିତରେ ଅଛି ବୃନ୍ଦ ଓ ଅବନ । ବୃନ୍ଦ ମାନେ ସମୂହ - ବିଶ୍ୱଜଗତର ସବୁକିଛି । ଅବନ ଆସିଛି ଅବ୍ ଧାତୁ ଠାରୁ ମାନେ ରକ୍ଷା କରିବା । ତେଣୁ ବୃନ୍ଦାବନ ଶବ୍ଦର ଅର୍ଥ ହେଉଛି ବିଶ୍ୱ ଦୁନିଆର ପ୍ରତିଟି ବସ୍ତୁ ଯେଉଁଠାରେ ସୁରକ୍ଷିତ ରହିଛନ୍ତି । ପୁରୁଷୋତ୍ତମ ଶ୍ରୀକୃଷ୍ଣଙ୍କର ନୀତିବିଧି ହେଲା ଜୀବନପାଳନୀ । ଏହି ଗୁଡ଼ିକ ଯେଉଁମାନେ ପାଳନ କରି ଚାଲନ୍ତି ସେମାନେ ମୃତ୍ୟୁ ଓ ସହସ୍ର ସହସ୍ର ଆପଦ ବିପଦ ମଧ୍ୟରୁ ରକ୍ଷା ପାଆନ୍ତି । ତେଣୁ ଶ୍ରୀକୃଷ୍ଣଙ୍କର ଅନୁଶାସନ ହେଲା ବୃନ୍ଦାବନ । ଏହି ପର୍ବ ଦୀର୍ଘ ପାଂଚ ଦିନ ବ୍ୟାପି ଅନୁଷ୍ଠିତ ହୁଏ । ଏହାକୁ ପଚୁଂଦୋଳ କୁହନ୍ତି । ଫଗୁ ଦଶମୀ ତିଥିରୁ ପ୍ରେମ ପୁରୁଷ ରାଧାକୃଷ୍ଣଙ୍କ ଯୁଗଳ ପ୍ରତିମା ବିମାନରେ ବସି ଚାଚେରୀ ଭୋଗ ବା ଦ୍ୱାରୀ ଭୋଗ ଖାଇବାକୁ ବାହାରନ୍ତି । ଏହି ପଚୁଂ ଦୋଳରେ ସମାପ୍ତ ହୁଏ । ଏହି ଦଶଦିନ ବ୍ୟାପୀ ଯାତ୍ରା କେବଳ ବିଶ୍ୱାସ, ଭରସା, ସ୍ନେହ ଓ ଶ୍ରଦ୍ଧାର ଯାତ୍ରା ଭାବରେ ପ୍ରତିଟି ମଣିଷର ହୃଦୟରେ ଅନୁରଞ୍ଜିତ ହୋଇଥାଏ । ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଥିବା ଗଭୀର ବିଶ୍ୱାସ ଏଇଠି ପ୍ରକଟିତ ହୁଏ । ପ୍ରତିଟି ସଞ୍ଚରେ ଖୋଳ, ତାଳ, କାହାଳୀର ଶବ୍ଦରେ ଗାଆଁଠୁ ସହର ମୁଖର ହୋଇଉଠେ । ମୁଠାମୁଠା ଅବିର ସମଗ୍ର ପରିବେଶକୁ ଅବିରମୟ କରିଦିଏ । ପ୍ରଭୁଙ୍କର ଏଇ ଭୋଗଖିଆ ପର୍ବ ଭକ୍ତଜନଙ୍କୁ ବିଭୋର କରେ । ପ୍ରତ୍ୟେକ ଦ୍ୱାର ଅଗଣାରେ ଭକ୍ତଜନ ଗୋମୟ ଲେପନ କରି ଚିତା ପକାଇ କଳସ ସ୍ଥାପନ କରି ଭୋଗ ନୈବେଦ୍ୟ ଧରି ଅପେକ୍ଷା କରିଥାଆନ୍ତି ବିମାନକୁ । ଏଇ ପ୍ରତୀକ୍ଷାର ପର୍ବ ପଚୁଂଦୋଳ ପର୍ଯ୍ୟନ୍ତ ଚାଲେ । ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଅପୂର୍ବ ସଂଯୋଗ ଥାଏ ଏହି ପଚୁଂଦୋଳ ପର୍ଯ୍ୟନ୍ତ । ଓଡ଼ିଶାରେ ପାଳିତ ହେଉଥିବା ପ୍ରତ୍ୟେକ ପର୍ବପର୍ବାଣୀରେ ସାମାଜିକତା ବେଶ ସ୍ପଷ୍ଟ ହୋଇଉଠେ । ପ୍ରେମ ଓ ବିଶ୍ୱାସଭାବ ଓ ସାମାଜିକ ସଦ୍‌ଭାବନା ବୃଦ୍ଧି ପାଇଁ ହିଁ ହୋଲି ପର୍ବର ସୃଷ୍ଟି । ନିଜେ ଆନନ୍ଦିତ ହେବା ସହ ଅନ୍ୟକୁ ଆନନ୍ଦ ପ୍ରଦାନ କରିବା ହିଁ ଏ ପର୍ବର ମୂଳ ଉଦ୍ଦେଶ୍ୟ । ରଙ୍ଗର ପସରା ନେଇ ହୋଲି ସାମାଜିକ ଜୀବନଧାରାକୁ ବେଶ ଆନନ୍ଦ ମୁଖର କରେ । ସେଇଥି ପାଇଁ ଏହି ପର୍ବ ପାଂଚ ଦିନ ଧରି ସମଗ୍ର ଭାରତବର୍ଷର କୋଣଅନୁକୋଣରେ ନିଜର ଗୁରୁତ୍ୱ ପ୍ରତିପାଳିତ କରିଥାଏ । ମଥୁରା ଓ ଗୋପ ପୁରରେ ଏହା ଦଶଦିନ ଧରି ଆନନ୍ଦ ଉତ୍ସାହ ସହକାରେ ପାଳିତ ହୋଇଥାଏ । କଥିତ ଅଛି ଦ୍ୱାପରରେ କୃଷ୍ଣଙ୍କର ବସନ୍ତ ରାସ ଦୀର୍ଘ ପାଂଚଦିନ ବ୍ୟାପୀ ଅନୁଷ୍ଠିତ ହୁଏ । ଏହି ସମୟରେ ପ୍ରଭୁ ରାଧାକୃଷ୍ଣଙ୍କର ଲୀଳାଖେଳା ସମ୍ବନ୍ଧରେ ବହୁ ଆଲୋଚନା ହେବା ସହ ସଂଗୀତ ଓ ନୃତ୍ୟ ଭିତ୍ତିକ ଅନେକ କାର୍ଯ୍ୟକ୍ରମ ଚାଲୁରହେ । ପ୍ରଭୁ ରାଧାକୃଷ୍ଣଙ୍କ ଯୁଗଳ ପ୍ରତିମା ଦ୍ୱାରା ଭୋଗ ଖାଇ ସାରିବା ପରେ ହିଁ ପଚୁଂଦୋଳର ଅପରାହ୍ନାରେ ମେଣ୍ଢାକୁଡ଼ିଆ ବା ଅଗ୍ନି ଚାରିପାଖରେ ସାତ ଘେରା ପରିକ୍ରମା କରନ୍ତି । ଫଗୁ ଦଶମୀ ତିଥିରେ ପ୍ରଭୁଙ୍କ ଯୁଗଳ ପ୍ରତିମା ରତ୍ନସିଂହାସନରୁ ଅବତରଣ କରି ବିମାନରେ ବସି ପ୍ରଥମେ ଅଗ୍ନିକୁ ସାତଘେରା ପରିକ୍ରମା କରି ଦ୍ୱାରୀ ଭୋଗ ପାଇଁ ସଜ ହୁଅନ୍ତି । ସେପରି ଦ୍ୱାରୀ ଭୋଗ ଖାଇବା ଶେଷ କରି ଦୋଳମଣ୍ଡପରେ ଝୁଲି ସାରିବା ପରେ ଅଗ୍ନି ଚାରିପାଖରେ ସାତ ଘେରା ଅତିକ୍ରମ ଯମୁନା ସ୍ନାନ ସମାପନ କରି ପୁନରାୟ ରତ୍ନମଣ୍ଡପକୁ ବିଜେ କରନ୍ତି । ପଚୁଂଦୋଳ କହିଲେ ପଚଂ ଶତ୍ରୁର ବିଦାୟ ଅର୍ଥାତ୍ କାମ, କୋଧ, ଅହଂକାର, ଅସତ୍ୟ ଓ ଅଧର୍ମର ବିନାଶର ତିଥି ହିଁ ପଚୁଂଦୋଳ । ପ୍ରତିଟି ମଣିଷ ଏଇ ମହାଶତ୍ରୁର ବିନାଶ ଘଟାଇ ସତ୍ୟ ଧର୍ମର ପ୍ରତିଷ୍ଠା ପାଇଁ ନିଜକୁ ପ୍ରସ୍ତୁତ ହେବା ଦରକାର । ପ୍ରଭୁ ରାଧାକୃଷ୍ଣ ଦୋଳ ବେଦିରେ ବସି ଝୁଲିବା ବେଳେ ଏଇ ମହାନ ଆଦର୍ଶ ବାର୍ତ୍ତା ପ୍ରଦାନ କରିଥାଆନ୍ତି । କାଳିକା ନିଜକୁ ଅଗ୍ନିଦେହରେ ଝାସଦେଇ ପୃଥିବୀରେ ମହା ସତ୍ୟର ମହାନ ବାର୍ତ୍ତା ପ୍ରଦାନ କରି ଯମୁନା ସ୍ନାନ କରନ୍ତି ଓ ଗୋଟିଏ ବର୍ଷ ପାଇଁ ଭକ୍ତଜନଙ୍କ ଠାରୁ ମେଲାଣି ନେଇ ରତ୍ନସିଂହାସନକୁ ପ୍ରତ୍ୟାବର୍ତ୍ତନ କରନ୍ତି । ପଚୁଂଦୋଳ ପାଂଚ ମହାଶତ୍ରୁର ବିନାଶର ତିଥି । ବିପଥଗାମୀ ମନୁଷ୍ୟକୁ ସଦ୍‌ଗତି ଦେଇ ମହାସତ୍ୟର ଦିଗ୍‌ଦର୍ଶନ ବାଢ଼ନ୍ତି । ଓଡ଼ିଆଙ୍କ ଜନଜୀବନରେ ଜଗନ୍ନାଥ ପଞ୍ଜିକା ପ୍ରମୁଖ ଭୂମିକା ଗ୍ରହଣ କରିଛି । ଏହା ସତେ ଯେପରି ପ୍ରଭୁଙ୍କ ନିର୍ଦ୍ଦେଶନାମା । ପୁରୀ ମୁକ୍ତିମଣ୍ଡପ ଓଡ଼ିଆଙ୍କ ମୁକ୍ତିର ମହାମନ୍ତ୍ର । ଦୋଳପୂର୍ଣ୍ଣିମା ତିଥିରେ ନୂତନ ପଞ୍ଜିକା ପ୍ରଚଳନ ହୋଇଥାଏ ଓ ପଚୁଂଦୋଳ ଅବସରରେ ଅବଧାନେ ଏଇ ନୂତନ ପଞ୍ଜିକା ପଢ଼ିଥାନ୍ତି । ଗାଁ ମୁଣ୍ଡା ଚଉତରା ନତୁବା ଭାଗବତ ଟୁଙ୍ଗୀରେ ଏଇ ପଞ୍ଜିକା ପଢ଼ା ଅନୁଷ୍ଠିତ ହୁଏ । ଗାଁର ପ୍ରତ୍ୟେକ ଘରୁ ପୁରୁଣା ଲୋକ ଏଠାରେ ଉପସ୍ଥିତ ରହି ପଞ୍ଜିକା ଶୁଣନ୍ତି ଓ ଅବଧାନଙ୍କୁ ଦକ୍ଷିଣା ଦେଇ ଆଶୀର୍ବାଦ ନେଇ ଘରକୁ ଫେରନ୍ତି । ଏ ପରମ୍ପରା କାହିଁ କେଉଁ ଆଦିମ କାଳରୁ ଆମ ଗ୍ରାମିର ଜୀବନକୁ ଆହୁରି ଉତ୍ସବ ମୁଖର କରି ତୋଳୁଛି । ପଚୁଂଦୋଳରେ ପଞ୍ଜିକା ପଢ଼ା ଗାଁ ଜନଜୀବନରେ ଏକ ଉତ୍ସବ ମୁଖର ସଞ୍ଜ । ପିଲାଙ୍କ ହୋ ହୋ ଶବ୍ଦ ଭିତରେ ଗାଁ ଯାତ୍ରାର ଗହଳି । ଆର ପାଖରେ ମେଣ୍ଢା କୁଡ଼ିଆ ପୋଡ଼ା ଓ ରାଧାକୃଷ୍ଣଙ୍କ ମନ୍ଦିର ପ୍ରତ୍ୟାବର୍ତ୍ତନ ପର୍ବ ଗାଁ ପରିବେଶକୁ ଆହୁରି ଜୀବନ୍ତ କରେ । ଅବଧାନଙ୍କ ସତର୍କ ବାଣୀରେ ବୟସ୍କ ଲୋକଙ୍କ ଆଲୋଚନା । ଆହୁରି ଗହଳି ଜମାଏ । ପଚୁଂଦୋଳ ଜହ୍ନକିରଣକୁ ଖାଲି ବିମାନ ଧରି ବେହେରା ମାନେ ଭାଗବତ ଟୁଙ୍ଗୀକୁ ଫେରିଲା ବେଳେ ଗାଁ ମଣ୍ଡପରୁ ପାଲା ସଂକୀର୍ତ୍ତନର ଶବ୍ଦ ଗାଁକୁ ଜୀବନ୍ତ କରିଥାଏ ।

କାଳର ଗତି ରାଜା ରଙ୍କ

କାଳ ଅର୍ଥ ସମୟ, ଅଛିଣ୍ଡା ପରିକ୍ରମା ମାର୍ଗରେ ସ୍ଥିର ରହିଛି ରାଶି ନକ୍ଷତ୍ର । ଏହାରି ଉପରେ ଗ୍ରହଙ୍କ ଗତିକୁ ପୃଥିବୀର ନିଜ ଅକ୍ଷ ପରିକ୍ରମଣକୁ ସବୁ ଗ୍ରହ ପରି ସୂର୍ଯ୍ୟଙ୍କୁ କକ୍ଷ ପରିକ୍ରମା ରାଶିଚକର କଟା ଏକ ଅଦ୍ଭୁତ କାଳଦର୍ଶକ । ରାଶି ବାର ହେଲେ ବି ଏମାନେ ଗୋଲକ ଧନ୍ଦାରେ ଏମିତିକା ବିଭାଗରେ ଏକ ଏକ ଜଡ଼ିତ ଏହାର ମର୍ମ ନ ଜାଣିଲେ ନାଚି ନଜାଣି ଅଗଣାର ଦୋଷ, ଦେବାକୁ ଅନେକ ବୟାନବାଜୀ କରନ୍ତି । ଅଗ୍ନି, ପୃଥ୍ୱି, ବାୟୁ ଓ ଜଳ ଏହାର ତ୍ରି ଆବୃତ୍ତି ବାର ରାଶିରେ ରହିଛି ସତେଯେମିତି ତିନି ତ୍ରିପାଠୀ, କୁ ମାନବ ସମାଜ ଚାଳକ ଚାରି ବର୍ଣ୍ଣ, ଗୀତା ବର୍ଣ୍ଣିତ ବ୍ରାହ୍ମଣ, କ୍ଷତ୍ରୀୟ, ବୈଶ୍ୟ ଓ ଶୁଦ୍ର । ସବୁ ଜଳ ରାଶି ବ୍ରାହ୍ମଣ ସବୁ ଅଗ୍ନି ରାଶି କ୍ଷତ୍ରୀୟ ସବୁ ପୃଥ୍ୱୀ ରାଶି ବୈଶ୍ୟ, ସବୁ ବାୟୁ ରାଶି ଶୁଦ୍ର । ଏତିକିରେ ଶେଷ ନୁହେଁ ତ୍ରିପାଠୀରେ ତିନି ପାଠ ଦର୍ଶାୟ ୪ ଚର ରାଶି ଅସ୍ଥିର ୪ ସ୍ଥିର ରାଶି ସ୍ଥିର, ୪ ଦ୍ୱିସ୍ୱ ରାଶି ଦ୍ୱିଗୁଣ ସମ୍ପନ୍ନ, ଗ୍ରହମାନେ ବନ୍ଧୁ ମିତ୍ର, ସମ, ପୁଣି ଶତ୍ରୁ ତ୍ରିଧାରେ ରହିବାବେଳେ ଆହୁରେ ନିୟମନାସ୍ତି ପରି କିଛି ସ୍ଥିତିରେ ଶତ୍ରୁ ମିତ୍ର ତତ୍କାଳୀନ ହୋଇପାରନ୍ତି ବାରାନ୍ତର ଅତି ଲାଗି ଶତ୍ରୁ, ମିତ୍ର ସମ ହୋଇପାରନ୍ତି ପୁଣି କିଂ କର୍ତ୍ତବ୍ୟ ବିମୁଢ଼ ହୋଇପାରନ୍ତି, ସାଧାରଣରେ ୫ମ ୯ମ ସମ୍ବନ୍ଧ, ୬ଷ୍ଠ ୮ମ ସମ୍ପର୍କ ୨ଗ୍ରହ ତତ୍କାଳୀନ ଶତ୍ରୁ ହୁଅନ୍ତି ଏମିତିକି କି ଏକ ଘରରେ ସ୍ଥିତି ଶତ୍ରୁତା କରାୟ । ଏହା ବାଦ ୪ର୍ଥ ୧୦ମ, ୩ୟ ୧୧ଶ, ଦ୍ୱିତୀୟ ଦ୍ୱାଦଶ ବନ୍ଧୁତ୍ୱ ଅର୍ଜନ କରନ୍ତି, ୭ମ ୭ମ ର ବିଚାର ଅତିଗହନ ସମ୍ବନ୍ଧ କାରଣ ସବୁଗ୍ରହଙ୍କ ଏକ ଦୃଷ୍ଟି ଚକ୍ର ଅଛି, ଏ ମଧ୍ୟରେ ସବୁ ଗ୍ରହ ନିଜସ୍ଥିତିରୁ ସ୍ୱ୭ମ ସ୍ଥାନକୁ ପୂର୍ଣ୍ଣ ଦୃଷ୍ଟି କରନ୍ତି । ଶନି, ରାହୁ କେତୁ ମଙ୍ଗଳ ପାପସଙ୍ଗୀ ବୁଧ, କୃଷ୍ଣ ଅଷ୍ଟମୀରୁ ଶୁକ୍ଳ ଅଷ୍ଟମୀ ପର୍ଯ୍ୟନ୍ତ ଚନ୍ଦ୍ର ନୈସର୍ଗିକ ପାପ ଗ୍ରହ ଓ ୧୨ରାଶିରେ ହାରାହାରି ପ୍ରତି ଦୁଇ ଘଟାଂରେ ବଦଳୁଥିବା ଲଗ୍ନ, ୧୨ଲଗ୍ନ ପାଇଁ ସମିତି ପାପ, ଶୁଭ ସ୍ଥିତିନୁସାରେ ବା ଗୃହ ଅନୁସାରେ ହୁଅନ୍ତି । ଏକଘରେ ବା ରାଶିରେ ବୃହସ୍ପତି ହାରାହାରି ୧ ବର୍ଷ ରହନ୍ତି, ରାହୁ କେତୁ ପ୍ରାୟ ଦେଢ଼ ବର୍ଷ କରି ପରସ୍ପର ଠାରୁ ୬ ରାଶି ଦୂରରେ ରହନ୍ତି, ଶନି ପ୍ରାୟ ଅଢ଼େଇ ବର୍ଷ ରହନ୍ତି, ରବି ଏକ ବର୍ଷରେ ୧୨ଘର ଚନ୍ଦ୍ର ଏକମାସରେ ୧୨ଘର ଗତି କରନ୍ତି ରବିଙ୍କ ପାଖ ବୁଧ ଶୁକ୍ର ନଛାଡୁଥିବାରୁ ଏମାନେ ରବି ଆଗ ବା ପଛ ବା ରବି ସହ ଅନେକବେଳେ ରହନ୍ତି, ମଙ୍ଗଳ ହାରାହାରି ତିନିପକ୍ଷରେ ଏକ ଘର ଅଧିକାରୀରେ ୩୦ ଅଂଶ ଗତି କରନ୍ତି । ଏଇ ପରି ମୋଟାମୋଟି ଧାରାରେ ସମୟକୁ କଳ୍ପନା କରିବା ଜ୍ୟୋତିଷୀ ମାନଙ୍କର ଏକ ଧାରା । ଆକାଶର ଗ୍ରହ ମାନଙ୍କର ଗତିକୁ ଏକ ସ୍ଥିର ନିୟମରେ ଧାର୍ଯ୍ୟ ପାଇଁ ଅନେକ ପୂର୍ବେ ସୃଷ୍ଟିର ଆଦ୍ୟ ଦିନର ସ୍ଥିର କରି ସବୁଗ୍ରହଙ୍କର ଦୌଡ଼ ରାଶିଚକ୍ରର ଶୂନ ଅଂଶରୁ ଆରମ୍ଭ କରାଯାଇଛି, ସମସ୍ତ ଗ୍ରହଙ୍କ ଗତିବେଗ ତାହା ବି ଧାର୍ଯ୍ୟ ରଖାଯାଇଛି ଏହା କାହାସହ କାହାର ସମାନ ନୁହେଁ ଫଳରେ ଅନେକ ସଂସ୍କାର ଯୋଡ଼ିବା ଦରକାର ପଡ଼ିଥାଏ ଏ ପାଇଁ ଛେକ ରହୁଛି । ସବୁବେଳେ ପୂର୍ଣ୍ଣ ସଂଖ୍ୟା ସହ ଦଶମିକ ବିନ୍ଦୁ ପରି ଆଉକିଛି ଅଙ୍କ କେତେ ସ୍ଥାନ ଯାଏରହି ତାହା ଅନେକ ବର୍ଷ ପରେ ପୁଣି ଏକ ପୂର୍ଣ୍ଣ ସଂଖ୍ୟା ହୁଏ ଏହାର ଗାଣତିକ ସଂସ୍କାର ଯେପରି ବର୍ଷକ ୩୬୫ ଦିନ ଧରାଗଲେବି ଏହା ୪ ବର୍ଷରେ ଏକ ଦିନ ବଢ଼ି ୩୬୬ ଦିନ ଗଣା ହେଉଛି, ଏହା ରାଶିଚକ୍ରରେ ରବି ଆବର୍ତ୍ତନ ଧରିଲେ ବି ପ୍ରକୃତରେ ଏହା ପୃଥିବୀର ବାର୍ଷିକ ଗତି ରବିଠାରୁ ୬ ରାଶି (୧୮୦ ଅଂଶ) ଯୋଗକଲେ ପୃଥିବୀ କେଉଁ ରାଶିରେ ଅଛନ୍ତି ଧରାପଡ଼େ । ଏମିତିକା ସବୁ ଗ୍ରହଙ୍କ ପରିକ୍ରମାରେ ଗାଣିତିକ ସଂସ୍କାର ଅଛି ଓ ସବୁରେ ଦଶମିକ ବିନ୍ଦୁ ଯେତେବେଳେ ଏକ ସମୟରେ ପୂର୍ଣ୍ଣ ସଂଖ୍ୟା ଆସୁଛି ତାକୁ ଗଣିତବିତମାନେ ଯୁଗାଦି ଧରିଛନ୍ତି । ବର୍ତମାନ ଗ୍ରହସ୍ଥିତି ବୁଧ ଗୃହରେ ମିଥୁନ, ବାୟୁ ରାଶିରେ ଶୁଦ୍ର ସମ୍ବନ୍ଧକୁ ରାହୁ, ଶନି ଗୃହ କୁମ୍ଭ ଶୁଦ୍ର ସମ୍ବନ୍ଧ । ପରସ୍ପର ବିପରୀତ ଗ୍ରହ ଏପରି ରହି ପବିତ୍ର ବ୍ରାହ୍ମଣ ରାଶି ମୀନରେ ଶୁଦ୍ର ଗ୍ରହ ଶନି ଏଣେ ଉଗ୍ର କ୍ରୁର କେତୁ ଅଗ୍ନୀ ବା କ୍ଷତ୍ରୀୟ ରାଶିରେ ତ୍ୱରିତ କ୍ରିୟାକାରୀ, ଶୁଦ୍ରମାନେ ଯେତେବେଳେ ପ୍ରବଳ ହେବେ ସେତେବେଳେ ମହାଗୋଳ ଲାଗିବ ହିଁ ଲାଗିବ, କାରଣ ସଂସାରରେ ସବୁଠାରୁ ଅଧିକ ସେବକ ଶୁଦ୍ର, ଜଙ୍ଗଲରେ ହରିଣ ସଂଖ୍ୟା ଅଧିକ ତୃଣାହାରୀମାନେ ଆହାର ଅନ୍ୱେଷଣ କାଳରେ ଏକ ଲୋଭାଶକ୍ତି ଚିନ୍ତାରେ ପାଖ ତୃଣହାରୀ ସହ ଲଢ଼ା ଲଢ଼ି ହୁଅନ୍ତି, ଏହି ପରିବେଶ ସଂସାରରେ ଏବେ ସେବକମାନେ ନିଜେ ବାହାଦୁରୀ ହାସଲ ପାଇଁ ନିଜ ଧନ ନୁହେଁ ରାଜଧନ (ଗଣତନ୍ତ୍ରରେ ପ୍ରଜାଙ୍କ ଧନ)ର ଦୁରୁପଯୋଗ କରିବା ଦେଖାଯାଉଛି । ବୃହସ୍ପତି ଶିକ୍ଷା ବିଭାଗର ମାଲିକ ଅଛନ୍ତି ବିଦ୍ୟାର୍ଥୀ ବୁଧଙ୍କ ଘରେ ତାଙ୍କ ଉପରେ ରାହୁଙ୍କ ଆଗରୁ ୯ଘର ପରେ ବୃହସ୍ପତି ଶିକ୍ଷା ବିଭାଗରେ ହଇଚଇ ସୃଷ୍ଟି ଏହି ଗ୍ରହ ସଯୋଗ କରାଉଛି । ରାହୁ କାଳ ଅଘାସୁର ବା ମହା ଅଜଗର ସର୍ପ, ତାର ମୁଖ ପଟଦେଇ ସବୁଗ୍ରହ ଯଦି କେତୁ ମଧ୍ୟରେ ଆସିଯିବେ ତେବେ ଅନ୍ତତଃ ୫/୬ ମାସ ଦାରୁଣ ସମୟ ସର୍ପ ମୁଖରେ ବିଷ, ଏ ବର୍ଷରେ ସମୟ ଭୋଗ ପୃଥ୍ୱି ପାଇଁ ଭୀଷଣ ଭୟାନକ ହୋଇପାରେ ।

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ
Mobile : 9439951525,Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ ।) Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA, Pin :769003

କଣ୍ଟେନର-ବାଇକ୍ ଧକ୍କା : ୩ ବାଇକ୍ ଆରୋହୀ ମୃତ

ଜମନକିରା,୧୦/୩(ନି/ପ୍ର): ଜମନକିରା ଥାନା ଠାରୁ ସମ୍ବଲପୁର ପଟକୁ ପ୍ରାୟ ୮ କିମି ଦୂରତା ଡୁମେରମୁଣ୍ଡା ଛକ ପାର୍ଶ୍ୱରେ କଣ୍ଟେନର-ବାଇକ୍ ଧକ୍କା ହୋଇଛି । ଫଳରେ ଗୁରୁତର ୩ ବାଇକ୍ ଆରୋହୀଙ୍କୁ ପୁଲିସ୍ ଗାଡ଼ିରେ ହିଁ କୁଚିଣ୍ଡା ଡାକ୍ତରଖାନାକୁ ନିଆଯାଇ ଥିଲା । ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ । ସୂଚନା ଅନୁଯାୟୀ, ସୋମବାର ପୂର୍ବାହ୍ନ ୧୦ଟା ୩୦ରେ ସମ୍ବଲପୁର ପଟୁ କୋଲକାତା ଅଭିମୁଖେ ଯାଉଥିବା ଏକ କଣ୍ଟେନର (ଗାଡ଼ି ନଂ ୟୁପି ୮୬ଟି ୩୭୨୫)କୁ ବିପରୀତ ଦିଗରୁ ଦ୍ରୁତ ଗତିରେ ଯାଉଥିବା ଏକ ବାଇକ୍ ମୁହାଁମୁହିଁ ଧକ୍କା ଦେଇଥିଲା । ଫଳରେ ଖଣ୍ଡେ ଦୂରକୁ ୩ ବାଇକ୍ ଆରୋହୀ ରାସ୍ତା ମଝିରେ ଛିଟିକି ପଡ଼ିଥିଲେ । ପରେ କଣ୍ଟେନର ଗାଡ଼ି ଇଞ୍ଜିନରେ ନିଆଁ ଲାଗି ଯାଇଥିଲା । ଏନ୍‌ଏଚ୍ ୫୩ ମଝିରେ କଣ୍ଟେନର ଗାଡ଼ି ସମ୍ମୁଖ ଚକା ତଳେ ପଶିଛିନ୍ନଛତ୍ର ହୋଇ ବାଇକ୍‌ଟି ସମ୍ପୂର୍ଣ୍ଣ ଜଳି ଯାଇଥିଲା । ବର୍ତ୍ତମାନ ସୁଦ୍ଧା ବାଇକ୍‌ର ପଂଜିକୃତ ନମ୍ବର୍ ଜଣା ପଡିନାହିଁ । ଅନ୍ୟପଟେ ମୃତ ୩ ବାଇକ୍ ଆରୋହୀଙ୍କ ପରିଚୟ ମିଳିନାହିଁ । ଖବର ପାଇ ଅଗ୍ନିଶମ କର୍ମଚାରୀ ଘଟଣା ସ୍ଥଳକୁ ପହଂଚି ନିଆଁକୁ ଆୟତ କରିଥିଲେ । ଏନେଇ ଜମନକିରା ଥାନାରେ ଏକ ଦୁର୍ଘଟଣା । ମାମଲା ରୁଜୁ ହୋଇଛି ।

ROURKELA MUNICIPAL CORPORATION
Uditnagar, Rourkela, Pin-769012
Mail Id: rourkelamunicipality@gmail.com Telephone: (0661) 2500388
13001/546/2526
TCN No.: 2815   Date: 02/03/2026

TENDER FOR INSURANCE OF MUNICIPAL VEHICLES

Rourkela Municipal Corporation (RMC) invites tender from intending reputed Contractors for Insurance of Municipal Vehicles. The detail of the Bid document is available in the RMC website i.e. www.rmc.nic.in. The interested Bidders may download the Bid document from RMC website from 07/03/2026 onwards.

The sealed Bid shall be submitted to the Commissioner, Rourkela Municipal Corporation, Uditnagar, Rourkela, Dist.-Sundargarh (Odisha), PIN-769012 on or before 16/03/2026 by 1.00 P.M. (in any working day) through registered post/Speed post/ Courier or in person super scribing as **"Tender for Insurance of Municipal Vehicles"**. The Tenders will be opened in presence of Bidders or their authorized representatives who wish to attend on the same day at 4.00 P.M. If the last date of submission, opening of tender and other schedule happens to be a holiday, the next working day will be treated as the schedule for the same.

Authority reserves the right to accept/ reject any or all the Tender without assigning any reason thereof.

Commissioner
Rourkela Municipal Corporation
OIPR-13001/13131/1/25-26/0039

କୋଷାଗୁମୁଡା ଟ୍ରାକ୍ଟର ମାଲିକଙ୍କୁ ଅସୁବିଧା ଟିପ୍ପରଙ୍କ ପାଇଁ ପୁରା ସୁବିଧା ମାଇନିଂ ବିଭାଗ ଉପରେ ଉଠିଛି ବଡ଼ ପ୍ରଶ୍ନ

ନବରଙ୍ଗପୁର,୧୦/୩(ନି/ପ୍ର): ଜିଲ୍ଲା କୋଷାଗୁମୁଡା ବ୍ଲକ ରେ ଦିନକୁ ଦିନ ଟ୍ରାକ୍ଟର ମାଲିକ ଙ୍କ ନିଦ ହଜିବାକୁ ଲାଗିଲାଣି । ଟ୍ରାକ୍ଟର ମାଲିକ ଙ୍କ ପରିବାର ଭରଣପସନ ଏବେ କାଠିକର ପାଠ ହେଲାଣି । ମାଲିକ ସହ ଟ୍ରାକ୍ଟର ଚାଳକ ଏବଂ ମୁଲିଆ ଙ୍କ କଥା ତ ଆଉ ନକହିବା ଭଲ । କିଏ ତ ଲୋନ ରେ ଟ୍ରାକ୍ଟର ଆଣି ଦୁଇପଇସା ରଜଗାର କରିବା ପାଇଁ ଆସା ବାନ୍ଧିଛି କିଏ ତ ପୁରୁଣା ଟ୍ରାକ୍ଟର ଆଣି ନିଜ ପରିବାର ଭକ ପିଆସ ମେଟାଂଇବା ପାଇଁ ଚେଷ୍ଟା କରୁଛି । ମାସକୁ ମାସ ଟ୍ରାକ୍ଟର ଲନ ଟଙ୍କା ବାନ୍ଧିବାକୁ କଷ୍ଟ ହଉଛି ଏଭଳି ଦୁଃଖଦାୟକ ପରିସ୍ଥିତି ରେ ନବରଙ୍ଗପୁର ଜିଲ୍ଲା ମାଇନିଂ ବିଭାଗ ଦିନ ରାତି କୋଷାଗୁମୁଡା ବ୍ଲକ ରେ ପଇଁତରା ମାରି ଟ୍ରାକ୍ଟର ଙ୍କୁ ଭୟଭୀତ କରୁଛି ଯାହାଫଳରେ ଟ୍ରାକ୍ଟର ଚାଳକ ଟ୍ରାକ୍ଟର ମାଲିକଙ୍କ ଭିତରେ ମାଇନିଂ ବିଭାଗ କୁ ନେଇ କକୁଆ ଭୟ ସୃଷ୍ଟି ହେଇଛି । ମାଇନିଂ ବିଭାଗ ଡର ରେ ଆଉ ଟ୍ରାକ୍ଟର ମାଲିକ ଗାଡି ରାସ୍ତା ଉପରେ ବାହାର କରିବା ପାଇଁ ସହେଥର ଭାବୁଛନ୍ତି । ଟ୍ରାକ୍ଟର ଚଳାଚଳ ବନ୍ଦେହେବା ଫଳରେ ଟ୍ରାକ୍ଟର ଚାଳକ ଟ୍ରାକ୍ଟର ରେ ମଜୁରୀ କରି ପେଟ ପଶୁଥିବା କୁଲି ମଜୁରିଆ ଙ୍କ ପରିବାର ଭକ ରେ ଶୋଇବା କୁ ବାଧ ହେଉଛନ୍ତି । ଅନ୍ୟପଟେ ସ୍ଥାନୀୟ ଅଂଚଳରେ ବିଭିନ୍ନ ନିର୍ମାଣ କାର୍ଯ୍ୟ ପାଇଁ ଲକେ ସାଧାରଣତ ଟ୍ରାକ୍ଟର ଉପରେ ହିଁ ଭରସା କରିଥାନ୍ତି କାହାକୁ ମାଟି କାହାକୁ ବାଲି କାହାକୁ ଜମି ପାଇଁ ଗବର ଖତ କାହାକୁ ପଥର ଭଳି ଆବଶ୍ୟକୀୟ ସମାନ ନେବା ଆଣିବା ପାଇଁ ଟ୍ରାକ୍ଟର ହିଁ ବ୍ୟବହାର କରନ୍ତି ହେଲେ ଏବେ ଟ୍ରାକ୍ଟର ମାଲିକ ଙ୍କ ଉପରେ ମାଇନିଂ ର ତୀକ୍ଷ୍ଣ ନଜର ରହିଥିବା ଫଳରେ ମାଲିକ ମାନେ ଆଉ ଟ୍ରାକ୍ଟର ବାହାର କରୁନାହାନ୍ତି ଫଳରେ ଅଂଚଳର ସାଧାରଣ ଲକେ ନାଇନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ସୂଚନା ମିଳୁଛି । ମାଇନିଂ ବିଭାଗ ମୁଖ୍ୟତଃ କୋଷାଗୁମୁଡା ବ୍ଲକ ର ବିଭିନ୍ନ ଲିଜ ଧାରୀ ବାଲି ଖଦାନ ଉପରେ ଧ୍ୟାନ ଦେଉନାହାନ୍ତି । ଲିଜ ଧାରୀ ବାଲି ଖଦାନ ରେ ଲିଜ ରୁ ଅଧିକ ବାଲି ଉଠାଯାଉଛି ବିନା ରୟାଲ୍ଟି ରେ ସହ ସହ ଟିପ୍ପର ବାଲି ଚୋରାଚାଲାଣ କରୁଛନ୍ତି ହେଲେ ବିଭାଗ ନିରବ ଦ୍ରଷ୍ଟା ସାଜିଛି । ଲିଜ ନେଇଥିବା ବାଲି ଖଦାନ ମାଲିକ ଙ୍କ ସହ ବିଭାଗୀୟ ଅଧିକାରି ସୋଲାସୁତୁରା ହଇ ସେମାନଙ୍କୁ ପ୍ରଶୟ ଦେଉଥିବା ସାଧାରଣ ରେ ଅଂଚଳ ପାଇଁ ଚର୍ଚ୍ଚାର ବିଷୟ ପାଲଟିଛି । ଅଞ୍ଚଳବାସୀଙ୍କ କହିବା ପ୍ରକାରେ ବିଭାଗୀୟ ଅଧିକାରି ବଡ଼ ବଡ଼ିଆ ଙ୍କୁ ପ୍ରଶୟ ଦେଇ ଛଟ କାଟିଆ ଙ୍କ ଉପରେ ନଜର ରଖି ଟ୍ରାକ୍ଟର ମାଲିକ ଟ୍ରାକ୍ଟର ଚାଳକ ଏବଂ ଟ୍ରାକ୍ଟର ରେ ମଜୁରୀ କରୁଥିବା ମୁଲିଆ ଙ୍କୁ ଜାଣିଶୁଣି ହଇରାଣ ହରକତ କରୁଛନ୍ତି ।

ଜାତୀୟ ମହିଳା ଚିତ୍ରକଳା ସ୍ତ୍ରୀ କଳା-୨୦୨୬ ଉଦଘାଟିତ

ସମ୍ବଲପୁର,୧୦/୩: ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ଆଜି ଲଳିତ କଳା ଏକାଡେମୀର ସମ୍ବଲପୁର ଆଂଚଳିକ ଆର୍ଟ ଗ୍ୟାଲେରୀ ପରିସରରେ ଜାତୀୟ ସ୍ତରୀୟ ମହିଳା ଚିତ୍ରକଳା ପ୍ରଦର୍ଶନୀ 'ସ୍ତ୍ରୀ କଳା - ୨୦୨୬ ' ଆଇଆଇଏମ, ସମ୍ବଲପୁରର ନିର୍ଦ୍ଦେଶକ ପ୍ର. ମହାଦେବ ଜୟଶ୍ୱାଲଙ୍କ ଦ୍ୱାରା ଉଦଘାଟିତ ହୋଇଛି । ସ୍କିଲ ଟ୍ରି ର ପ୍ରତିଷ୍ଠାତା ନିବେଦିତା

ମହିଳାମାନେ ଘରେ ସୀମିତ ନରହି ସମାଜର ବିକାଶରେ ସହଭାଗୀ ହୁଅନ୍ତୁ

ସମ୍ବଲପୁର,୧୦/୩(ନି/ପ୍ର): ସମ୍ବଲପୁରର ପଶ୍ଚିମାଂଚଳ ଏକତା ମଂଚ ନାରୀ ଶକ୍ତି ପକ୍ଷରୁ ରବିବାର ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି । ନାରୀଶକ୍ତି ସମ୍ବଲପୁର ଜିଲା ସଂଯୋଜିକା ଝୁନୁ ତ୍ରିପାଠୀଙ୍କର ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶୀ ତଥା ସମ୍ବଲପୁରୀ ନୃତ୍ୟାଙ୍ଗନା ସୁଶ୍ରୀ ଅପର୍ଣ୍ଣା ପାଢ଼ୀଙ୍କୁ ପଶ୍ଚିମାଂଚଳ ନାରୀଶକ୍ତି ସମ୍ମାନ ୨୦୨୬ ପ୍ରଦାନ କରାଯାଇଛି । କେନ୍ଦ୍ରୀୟ କମିଟି ମହିଳା ସଂଯୋଜିକା ପଙ୍କଜୀନି ମେହେର କାର୍ଯ୍ୟକ୍ରମ କରିଥିଲେ । ଆନ୍ତର୍ଜାତୀୟ ମହିଳା ଦିବସ ଆଜି ଡକ୍ଟର ନାରାୟଣୀ ପଣ୍ଡାଙ୍କୁ ମଧ ପଶ୍ଚିମାଂଚଳ ଏକତା ମଂଚ ନାରୀ ଶକ୍ତି ସମ୍ମାନ ଦିଆଯିବା ପାଇଁ ସଜବାଜ କରାଯାଇଥିବା ବେଳେ ତାଙ୍କର ପରଲୋକ ଖବର ମିଳିବା ପରେ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଥିଲା । ମହିଳା ମାନେ ଘର ଏବଂ ପରିବାର ଭିତରେ ସିମିତ ନରହି ସମାଜର ବିକାଶ ଦିଗରେ ସହଭାଗୀ ହେବାକୁ କାର୍ଯ୍ୟକ୍ରମରେ ଆହ୍ୱାନ କରାଯାଇଥିଲା । ଏହି ଅବସରରେ ମହିଳା ମାନଙ୍କ ମଧ୍ୟରେ ରହିଥିବା ପ୍ରତିଭା ପ୍ରଦର୍ଶନ ପାଇଁ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ମହିଳା ମାନେ ବିଭିନ୍ନ ପ୍ରତିଯୋଗୀତାରେ ଅଂଶଗ୍ରହଣ କରି ନିଜ ଭିତରେ ରହିଥିବା ପ୍ରତିଭା ଦେଖାଇଥିଲେ । ଶେଷରେ ପ୍ରତିଯୋଗିତାର ବିଜେତା ମାନଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମ ଆୟୋଜନରେ ପଶ୍ଚିମାଂଚଳ ଏକତା ମଂଚ ନାରୀଶକ୍ତିର ଲଳିତା ଭୋଇ, ଭୂମିସୂତା ମେହେର, ସୁଷମା ପ୍ରଧାନ, ଲକ୍ଷ୍ମୀ ପ୍ରଧାନ, ସରିତା ମେହେର, ସିପ୍ରା ଚକ୍ରବର୍ତ୍ତୀ, ମୁନୁକାନ୍ତି ପଟେଲ, ଅନୁମପା ରାଉତ, ସୁଜାତା ଗୁରୁ, ଜନନୀ ମିଶ୍ର, ରିନା ପଣ୍ଡା, ସୁମିତା ଚଇନି, ସବିତା ନନ୍ଦ ପ୍ରମୁଖ ଭୁମିକା ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମ ଆୟୋଜନରେ ପଶ୍ଚିମାଂଚଳ ଏକତା ମଂଚର ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସି, ଭାଷା ସାହିତ୍ୟ ସଂଯୋଜକ ସ୍ୱୟଂ ପ୍ରକାଶ ପଣ୍ଡା, ପ୍ରଥମ ପଣ୍ଡା, ଶୁଭମ ସାହୁ, ରାଜେଶ ସ୍ୱାଇଁ, ପ୍ରେମ ସାହାଣୀ ସହଯୋଗ କରିଥିଲେ ।

ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ; 'ସୁଭଦ୍ରା' ଯୋଜନାର ଚତୁର୍ଥ କିସ୍ତି ପ୍ରଦାନ ଓ ବାଲ୍ୟ ବିବାହ ମୁକ୍ତ ଅଭିଯାନର ସଫଳ ସମାପନ

ଝାରସୁଗୁଡ଼ା,୧୦/୩(ନି/ପ୍ର): ଜିଲ୍ଲା ସମାଜ କଲ୍ୟାଣ ବିଭାଗ ଆନୁକୂଲ୍ୟରେ ଆଜି ଝାରସୁଗୁଡ଼ା ଯାନ୍ତ୍ରିକ ମହାବିଦ୍ୟାଳୟ ପରିସରରେ 'ଆନ୍ତର୍ଜାତୀୟ ମହିଳା ଦିବସ-୨୦୨୬' ଏବଂ 'ସୁଭଦ୍ରା' ଯୋଜନାର ଚତୁର୍ଥ କିସ୍ତି ପ୍ରଦାନ କାର୍ଯ୍ୟକ୍ରମ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ପାଳିତ ହୋଇଯାଇଛି । ଏହି ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଭାସୀ ମାଧ୍ୟମରେ ରାଜ୍ୟସ୍ତରରେ ୧ କୋଟିରୁ ଅଧିକ ମହିଳାଙ୍କୁ ୫,୦୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ସହାୟତା ରାଶି ପ୍ରଦାନ କରିଥିବା ବେଳେ, ଝାରସୁଗୁଡ଼ା ଜିଲ୍ଲାର ୧,୩୦,୭୦୪ ଜଣ ହିତାଧିକାରୀ ମଧ ଏହି ସୁଭଦ୍ରା ସହାୟତା ପାଇ ଉପକୃତ ହୋଇଛନ୍ତି । ମହିଳା ସଶକ୍ତିକରଣ କ୍ଷେତ୍ରରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ, ଜିଲ୍ଲାରେ ଚାଲିଥିବା 'ବାଲ୍ୟ ବିବାହ ମୁକ୍ତ ଅଭିଯାନ'ର ୧୦୦ ଦିନିଆ କାର୍ଯ୍ୟକ୍ରମ ଆଜି ସଫଳତାର ସହ ସମ୍ପୂର୍ଣ୍ଣ ହୋଇଛି । ସମାଜରୁ ବାଲ୍ୟ ବିବାହ ପରି କୁସଂସ୍କାରକୁ ଦୂର କରି କନ୍ୟା ସନ୍ତାନଙ୍କ ସୁରକ୍ଷା ଓ ଶିକ୍ଷାକୁ ସୁନିଶ୍ଚିତ କରିବା ପାଇଁ ଏହି ଅଭିଯାନ ଏକ ମାଇଲଖୁଂଟ ସଦୃଶ ହୋଇଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ଏହି ସମ୍ମିଳନୀରେ ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହିଳାମାନଙ୍କ ଆର୍ଥିକ ସ୍ୱାଧୀନତା ଓ ସମ୍ମାନଜନକ ଜୀବନ ଜୀବନଯାପନ ଉପରେ ଗୁରୁତ୍ୱାରୋପ କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ, ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ, ଅତିରିକ୍ତ ଜିଲ୍ଲାପାଳ ବ୍ରଜ ବନ୍ଧୁ ଭୋଇ ଏବଂ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଜୟନ୍ତୀ ଗର୍ଡ଼ିୟା, ରାଜସ୍ୱ ମନ୍ତ୍ରୀ ଏବଂ ସାଂସଦଙ୍କ ପ୍ରତିନିଧି ପ୍ରମୁଖ ଯୋଗଦେଇଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ କୃଷ୍ଣାକେଶୀ ବଳିଆରସିଂହ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ବିଭିନ୍ନ କ୍ରୀଡ଼ା ଓ କଳା ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା ଅଙ୍ଗନୱାଡ଼ି କର୍ମୀ, ସ୍ଥାନୀୟ ମହିଳା ଏବଂ ସ୍କୁଲ୍ ସ୍ତରୀୟ ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମର ଶେଷ ଭାଗରେ ମହିଳାମାନଙ୍କ ଦ୍ୱାରା ଅନୁଷ୍ଠିତ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ସମସ୍ତଙ୍କୁ ବିମୋହିତ କରିଥିଲା । ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଜୟନ୍ତୀ ଗର୍ଡ଼ିୟା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ସଫଳତା ସମ୍ପର୍କରେ ଆଲୋକପାତ କରି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଓ ସୁଭଦ୍ରା ଯୋଜନାର ଚତୁର୍ଥ କିସ୍ତି ବଂଟନ ସମାରୋହ

ନୂଆପଡା,୧୦/୩(ନି/ପ୍ର): ନୂଆପଡା ଜିଲ୍ଲା ସମାଜ କଲ୍ୟାଣ ବିଭାଗ ଓ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ-୨୦୨୬, ସ୍ଥାନୀୟ ପୋଲିସ ପଡ଼ିଆ ଠାରେ ମହାସମାରୋହରେ ଆଜି ପାଳିତ ହୋଇଯାଇଛି । ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ନୂଆପଡ଼ା ବିଧାୟକଙ୍କ ପ୍ରତିନିଧି ତଥା ପତ୍ନୀ ସୁମନ ଢୋଲକିଆ, ଜିଲ୍ଲା ପରିଷଦ ଉପାଧକ୍ଷା ଦୀପିକା ଦୀପ, ନୂଆପଡା ବ୍ଲକ୍ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, କୋମନା ବ୍ଲକ ଅଧ୍ୟକ୍ଷା ଅନୁସୁୟା କୁମ୍ଭାର, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ସୁର୍ମି ସୋରେନ, ସିଡିଏମଓ ଡଃ ଧନେଶ୍ୱର ସେଠୀ ଏବଂ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଏସ୍. ଗୀତା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବହୁ ସଂଖ୍ୟକ ମହିଳା ଓ ହିତାଧିକାରୀମାନେ ଯୋଗ ଦେଇଥିଲେ । ଆଜି ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୁଭଦ୍ରା ଯୋଜନାର ଚତୁର୍ଥ କିସ୍ତି ବଂଟନର ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରାୟ ୧ କୋଟି ମହିଳା ହିତାଧିକାରୀଙ୍କୁ ୫ ହଜାର କୋଟି ଟଙ୍କାରୁ ଅଧିକ ରାଶି ସିଧାସଳଖ ତାଙ୍କ ବ୍ୟାଙ୍କ ଖାତାକୁ ଡିବିଟି ମାଧ୍ୟମରେ ପ୍ରଦାନ କରିଛନ୍ତି । ଏହି କାର୍ଯ୍ୟକ୍ରମର ସିଧା ପ୍ରସାରଣ ଜିଲ୍ଲା ସମାରୋହରେ ପ୍ରଦର୍ଶିତ ହୋଇଥିଲା । ଏହି ଅବସରରେ ଦିବସ ଉପଲକ୍ଷେ ଆୟୋଜିତ ଜିଲ୍ଲାସ୍ତରୀୟ ବିଭିନ୍ନ ପ୍ରତିଯୋଗିତାର ବିଜେତାଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । କୋମନା ବ୍ଲକ ସିଡିପିଓ ଦେବକୀ ମଲ୍ଲିକଙ୍କୁ ଶ୍ରେଷ୍ଠ ସିଡିପିଓ ଭାବରେ ସମ୍ମାନିତ କରାଯାଇଥିଲା । ସେହିପରି ଗେରୁଯୋର ଅଙ୍ଗନୱାଡି କର୍ମୀ ସୁଲୋଚନା ବିଶୋଇଙ୍କୁ ଜାତୀୟ ସ୍ତରରେ ରାଜ୍ୟର ଶ୍ରେଷ୍ଠ ଅଙ୍ଗନୱାଡି କର୍ମୀ ହିସାବରେ ସମ୍ମାନିତ କରାଯାଇଥିବାରୁ ତାଙ୍କୁ ଆଜି ମଂଚରେ ସମ୍ମାନିତ କରାଯାଇଥିଲା । ଜିଲ୍ଲାର କ୍ରୀଡ଼ା, ସମାଜ ସେବା, ସାହିତ୍ୟ ଓ ଅନ୍ୟାନ୍ୟ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ୮ ଜଣ ମହିଳାଙ୍କୁ ମଧ ସମ୍ମାନିତ କରାଯାଇଥିଲା । ଏହା ପୂର୍ବରୁ ଆଜି ସକାଳ ୭ଟାରେ ଅନ୍ତର୍ଜାତୀୟ ମହିଳା ଦିବସ-୨୦୨୬ ପାଳନର ଅନ୍ତିମ ଦିବସ ଅବସରରେ ଜିଲ୍ଲା ମୁଖ୍ୟାଳୟ ଠାରୁ ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମ୍ ପର୍ଯ୍ୟନ୍ତ ଏକ ସ୍ଲୋ ମାରାଥନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଜିଲ୍ଲାପାଳ ଏହାକୁ ପତାକା ଦେଖାଇ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ । ନୂଆପଡ଼ାର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀ ତଥା ଅଭିଭାବକ, ଶିକ୍ଷକ ଶିକ୍ଷୟତ୍ରୀ ମାନେ ବହୁସଂଖ୍ୟାରେ ଏଥିରେ ଯୋଗଦାନ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରଇତ, ଉପ ଜିଲ୍ଲାପାଳ ସୁର୍ମି ସୋରେନ, ମୁଖ୍ୟପ୍ରାଣୀ ସମ୍ପଦ ଅଧିକାରୀ, ଡିଆରସିଏସ, ଉପ ନିର୍ଦ୍ଦେଶକ ପ୍ଲାନିଂ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଏବଂ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଏଥିରେ ଯୋଗଦାନ କରିଥିଲେ । ସନ୍ଧ୍ୟାରେ ଜିଲ୍ଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ସ୍ଥାନୀୟ ସଦଭାବନା ସଭାଗୃହରେ ଏକ କବିତା ପାଠୋତ୍ସବ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

ଝରିଗାଁ ଠାରେ ଜିଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଧକ୍ଷତାରେ ଜନଶୁଣାଣି ଶିବିର

ନବରଙ୍ଗପୁର,୧୦/୩(ନି/ପ୍ର): ଝରିଗାଁ ବ୍ଲକ ସ୍ଥିତ ପଚାଂୟତ ସମିତି ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ ଏବଂ ଆରକ୍ଷୀ ଅଧିକ୍ଷକ ମଡକର ସନ୍ଦୀପ ସମ୍ପଦ ଙ୍କ ଯୁଗ୍ମ ଅଧକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଚିଂ ନାରାୟଣ ଦରୱାନ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ବି ଡି ଓ ମଧୁସୂଦନ ମାଝୀ ଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ଏହି ଜନ ଶୁଣାଣି ଶିବିରରେ ମୋଟ ୩୦ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ । ସେଥିମଧ୍ୟରୁ ୨୨ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୮ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା । ୧ ଟି ଅଭିଯୋଗର ସମାଧାନ ତତ କ୍ଷଣାତ କରାଯାଇଥିଲା । ସାମାଜିକ ସୁରକ୍ଷା ବିଭାଗ ତରଫରୁ ଚିହ୍ନଟ ଦିବ୍ୟାଙ୍ଗ ମାନଙ୍କୁ ୮ ଟି ହୁଇଲ ଚେୟାର ଓ ୨ ଟି ଟ୍ରାଇ ସାଇକଲ ପ୍ରଦାନ କରାଯାଇଥିଲା । ବିଭିନ୍ନ କାରଣରୁ ଅଙ୍ଗହୀନ ହୋଇଥିବା ୨ ଜଣ ଦିବ୍ୟାଙ୍ଗ କୁ କୃତିମ ଅଙ୍ଗ ପ୍ରଦାନ ନିମନ୍ତେ ମାପ ନିଆଯାଇଥିଲା । ସେଭଳି ବିଭିନ୍ନ କାରଣରୁ ଆହତ ଏବଂ ଅକ୍ଷମ ୧୩ଜଣ ରୋଗୀଙ୍କୁ ଉତମ ଶାରୀରିକ ଚିକିତ୍ସା ନିମନ୍ତେ ଉନ୍ନତ ପୁନର୍ବାସ କେନ୍ଦ୍ର ରେ ଯନ୍ତ୍ରଣା ଉପଶମ ଓ ଚିକିତ୍ସା ପାଇଁ ପଦକ୍ଷେପ ନିଆଗଲା ।

ଭଦ୍ରକ ଜିଲ୍ଲା ମଧୁବୈଶ୍ୟ ସମାଜର ବାର୍ଷିକ ବନ୍ଧୁମିଳନ ଉତ୍ସବ

ଭଦ୍ରକ,୧୦/୩(ନି/ପ୍ର): ଭଦ୍ରକ ଜିଲ୍ଲା ମଧୁବୈଶ୍ୟ ସମାଜର ବାର୍ଷିକ ବନ୍ଧୁମିଳନ ଉତ୍ସବ ଶହୀଦ ସ୍ମୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଭଦ୍ରକ ଲୋକପ୍ରିୟ ବିଧାୟକ ମାନ୍ୟବର ସିତାଂଶୁ ଶେଖର ମହାପାତ୍ର ମୁଖ୍ୟ ଅତିଥି, ଭଦ୍ରକ ଜିଲ୍ଲାପାଳ ଦିଲୀପ କୁମାର ରାଉତରାୟ ବିଶିଷ୍ଟ ଅତିଥି, ଶ୍ରୀ ରବିନାରାୟଣ ସାହୁ., ଅତିରିକ୍ତ ଜିଲ୍ଲାପାଳ, ଭଦ୍ରକ ସମ୍ମାନୀତ ଅତିଥି, ରାଜ୍ୟ ମଧୁବୈଶ୍ୟ ସମାଜର ପ୍ରଶାନ୍ତ କୁାର ସାହୁ, ରାଜ୍ୟ ସଂପାଦିକା ଅପର୍ଣ୍ଣା ସାହୁ ସମ୍ମାନିତ ଅତିଥି ଓ ରାଜ୍ୟ ସଭାପତି ଦେବେନ୍ଦ୍ର ନାଥ ସାହୁ ମୁଖ୍ୟ ବକ୍ତାଭାବେ ଯୋଗଦାନ କରିଥିଲେ ।

ଜାତୀୟ ସେବା ଯୋଜନା ପକ୍ଷରୁ ଜାତୀୟ ସମନ୍ୱୟ ଶିବିରର ଦ୍ୱିତୀୟ ଦିବସ

ସମ୍ବଲପୁର,୧୦/୩(ନି/ପ୍ର): ଉଚ୍ଚଶିକ୍ଷା ବିଭାଗ ଓଡିଶା ସରକାରଙ୍କ ଦ୍ୱାରା ପ୍ରାୟୋଜିତ ସମ୍ବଲପୁର ବିଶ୍ୱବିଦ୍ୟାଳୟ ସ୍ଥିତ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ବିଜୁପଟ୍ଟନାୟକ ପ୍ରେକ୍ଷାଳୟରେ ସପ୍ତ ଦିବସାତ୍ମକ ଜାତୀୟ ସଂଘତି ଶିବିର ଅନୁଷ୍ଠିତ ହେଉଅଛି ଓ ସମାରୋହର ଦ୍ୱିତୀୟ ଦିବସରେ ପ୍ରାତଃ ସମୟରେ ସୁସ୍ଥ ଓ ନୀରୋଗ ଜୀବନ ପାଇଁ ଯୋଗଭ୍ୟାସ କରାଯାଇଥିଲା ଓ ପରବର୍ତ୍ତୀ ସମୟରେ ସୂଚନା ଅଧିକାର ଆଇନ ଉପରେ ଆଲୋଚନା କରାଯାଇଥିଲା ଓ ଆଲୋଚକ ଭାବରେ ଆଇନ ବିଭାଗର ପ୍ରଫେସର ଡ଼. ପ୍ରୟାସ ଡନସନା ଯୋଗଦେଇଥିଲେ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଚିତ୍ରାଙ୍କନ ଓ ତତ୍କାଳୀକ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଓ ଏଥିରେ ସମସ୍ତ ଅଧିକାରୀ ସହଯୋଗ କରିଥିଲେ ।

ସୂଚନା ଅଧିକାର ଅଧିନିୟମ-୨୦୦୫ ଉପରେ କର୍ମଶାଳା ଏବଂ ବକ୍ତୃତା ପ୍ରତିଯୋଗିତା

ସୁନ୍ଦରଗଡ଼,୧୦/୩ (ନି/ପ୍ର): ସ୍ଥାନୀୟ ସଦଭାବନା ଭବନ ଠାରେ ସୂଚନା ଅଧିକାର ଅଧିନିୟମ -୨୦୦୫ ଉପରେ ଏକ କର୍ମଶାଳା ଏବଂ ବକ୍ତୃତା ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଓଡ଼ିଆ ଓ ଇଂରାଜୀରେ ସୂଚନା ଅଧିକାର ଅଧିନିୟମ -୨୦୦୫ ଉପରେ ଏହି ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସୂଚନା ଅଧିକାର ଅଧିନିୟମ -୨୦୦୫ର ପୂର୍ଣ୍ଣାଙ୍ଗ କାର୍ଯ୍ୟାନ୍ୱୟନ ଉଦ୍ଦେଶ୍ୟରେ ଜିଲ୍ଲାର ବିଭିନ୍ନ ବିଭାଗ ତଥା କାର୍ଯ୍ୟାଳୟର ପ୍ରଥମ ଅପିଲ କର୍ତ୍ତୃପକ୍ଷ, ଜନସୂଚନା ଅଧିକାରୀ, ସହକାରୀ ଜନସୂଚନା ଅଧିକାରୀଙ୍କୁ ନେଇ ଏହି ପ୍ରଶିକ୍ଷଣ କର୍ମଶାଳା ଆୟୋଜିତ ହୋଇଥିଲା। ଏହି କର୍ମଶାଳାରେ ଭୁବନେଶ୍ୱର ସ୍ଥିତ ଲୁମିନଶ ପ୍ରାଇଭେଟ ଲିମିଟେଡ଼ର ରଞ୍ଜନ କୁମାର ବକ୍ସି ବିଶାରଦ ଯୋଗଦେଇ (ଡିସ୍ ?କ୍ଲୋଜରର ଅପଡେସନ୍ ?) ଉଭୟ ଇଂରାଜୀ ଓ ଓଡ଼ିଆ ଭାଷାରେ ସ୍ୱତପ୍ରବୃତ୍ତ ସୂଚନା ପ୍ରକାଶନ ଉପରେ ପ୍ରଶିକ୍ଷଣ ପ୍ରଦାନ କରିବା ସହ ସୂଚନା ଅଧିକାର ଆଇନ୍ ?ରେ ଦରଖାସ୍ତ ଗ୍ରହଣ ତଥା ଉତ୍ତର ପ୍ରଦାନ, ଅନ୍‌ଲାଇନ୍‌ରେ ସମସ୍ତ ପ୍ରକ୍ରିୟା ସମ୍ପାଦନ କୌଶଳ ଆଦି ବିଷୟରେ ବିଶଦ ଆଲୋଚନା କରିଥିଲେ । ପରେ ପରେ ପ୍ରଶ୍ନୋତ୍ତର ଅଧିବେସନରେ ଅଧିକାରୀମାନେ ସୂଚନା ଅଧିକାର ଆଇନ୍‌ରେ ଆବେଦନ ଗ୍ରହଣ, ଉତ୍ତର ପ୍ରଦାନ ଆଦି କ୍ଷେତ୍ରରେ ଥିବା ଅସୁବିଧା ତଥା ସନ୍ଦେହ ସମ୍ବନ୍ଧରେ ପ୍ରଶ୍ନ ପଚାରି ନିଜ ନିଜର ସନ୍ଦେହ ଦୂର କରିଥିଲେ । ସୂଚନା ଅଧିକାର ଅଧିନିୟମ - ୨୦୦୫ ଉପରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ବିଭିନ୍ନ ମହାବିଦ୍ୟାଳୟର ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ପ୍ରତିଯୋଗିତାରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କର୍ମଶାଳାରେ ବିଭିନ୍ନ ବିଭାଗ ଏବଂ କାର୍ଯ୍ୟାଳୟର ପ୍ରଥମ ଅପିଲ କର୍ତ୍ତୃପକ୍ଷ, ଜନ ସୂଚନା ଅଧିକାରୀ ଓ ସହକାରୀ ଜନ ସୂଚନା ଅଧିକାରୀମାନେ ଉପସ୍ଥିତ ଥିଲେ।

ରାଉରକେଲା ହୋଲସେଲ୍ କପଡ଼ା ବ୍ୟାପାରୀ ସଂଘର ନିର୍ବାଚନ: ଉମଙ୍ଗ ଅଗ୍ରୱାଲ ନୂତନ ଅଧ୍ୟକ୍ଷ

ରାଉରକେଲା,୧୦/୩(ନି/ପ୍ର): ରାଉରକେଲାର ମାହେଶ୍ୱରୀ ଭବନ ପରିସରରେ ରାଉରକେଲା ହୋଲସେଲ୍ କପଡ଼ା ବ୍ୟାପାରୀ ସଂଘର ବର୍ଷ ୨୦୨୬-୨୭ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆଜି ମଙ୍ଗଳବାର ଅପରାହ୍ନ ୧ଟାରୁ ବାର୍ଷିକ ସାଧାରଣ ସଭା ଆୟୋଜନ କରାଯାଇଥିଲା। ଏଥିରେ ସଂଘର ଅଧ୍ୟକ୍ଷ ରୋହିତ କାବ୍ରା, ସମ୍ପାଦକ ସିଦ୍ଧାର୍ଥ ଅଗ୍ରୱାଲ ଏବଂ କୋଷାଧ୍ୟକ୍ଷ ରାହୁଲ ମୋଦୀ ମଂାସୀନ ଥିଲେ। ଅଧ୍ୟକ୍ଷ ରୋହିତ କାବ୍ରା ସ୍ୱାଗତ ଭାଷଣ ଦେବା ସହ ସଂଘ ବିଷୟରେ ସୂଚନା ପ୍ରଦାନ କରିଥିଲେ। ସମ୍ପାଦକ ସିଦ୍ଧାର୍ଥ ଅଗ୍ରୱାଲ ବାର୍ଷିକ ବିବରଣୀ ପେଶ୍ କରିଥିଲେ। କୋଷାଧ୍ୟକ୍ଷ ରାହୁଲ ମୋଦୀ ବର୍ଷ ସାରାର ଆୟ-ବ୍ୟୟର ହିସାବ ଉପସ୍ଥାପନ କରିଥିଲେ। ଅପରାହ୍ନ ୨ଟାରୁ ନିର୍ବାଚନ ଅଧିକାରୀ ନିତିନ ଖେତାନ, ସପନ ଅଗ୍ରୱାଲ ଏବଂ ସହଯୋଗୀ ଶିବ ବାଲୋଦିଆଙ୍କ ତତ୍ୱାବଧାନରେ ମତଦାନ ଆରମ୍ଭ ହୋଇଥିଲା। ମୋଟ ସଦସ୍ୟ ସଂଖ୍ୟା: ୭୬, ମତଦାନ କରିଥିବା ସଦସ୍ୟ: ୭୩, ଅପରାହ୍ନ ୩ଟାରେ ଭୋଟ ଗଣତି କରାଯାଇଥିଲା, ଯେଉଁଥିରେ ଉମଙ୍ଗ ଅଗ୍ରୱାଲ ବିଜୟୀ ଘୋଷିତ ହୋଇଥିଲେ। ନବନିର୍ବାଚିତ ଅଧ୍ୟକ୍ଷ ଉମଙ୍ଗ ଅଗ୍ରୱାଲଙ୍କୁ ସଦସ୍ୟମାନେ ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଜଣାଇଥିଲେ। ସମସ୍ତ ବ୍ୟାପାରୀ ମିଳିମିଶି ସଂଘକୁ ଏକ ନୂତନ ଉଚ୍ଚତାକୁ ନେଇଯିବା ପାଇଁ ସଂକଳ୍ପ କରିଥିଲେ। ଏହି ଅବସରରେ ପୂର୍ବତନ ଅଧ୍ୟକ୍ଷ ରୋହିତ କାବ୍ରା ସୂଚନା ଦେଇଥିଲେ ଯେ, ସଂଘ ପକ୍ଷରୁ ଦୀପାବଳି ମିଳନ, ବନଭୋଜି, ଉତ୍କଳ ଦିବସ, କ୍ରିକେଟ ମ୍ୟାଚ୍, ଭ୍ରମଣ କାର୍ଯ୍ୟକ୍ରମ ସହ ଶ୍ୟାମ ନିଶାନ ଯାତ୍ରା ଓ ରାମନବମୀ ଶୋଭାଯାତ୍ରା ସମୟରେ ଜଳପାନ ଓ ଶରବତ ବଣ୍ଟନ ଭଳି ବିଭିନ୍ନ ସାମାଜିକ କାର୍ଯ୍ୟ କରାଯାଇଥାଏ। ଆଜିର ଏହି ନିର୍ବାଚନ ପ୍ରକ୍ରିୟାରେ ବହୁ ସଂଖ୍ୟାରେ କପଡ଼ା ବ୍ୟାପାରୀ ସାମିଲ ହୋଇଥିଲେ।

ପ୍ରବାସୀ ଶ୍ରମିକ ସଚେତନତା ସଭା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ

ନୂଆପଡ଼ା,୧୦/୩(ନି/ପ୍ର): ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ସମରସିଂ ଗ୍ରାମ ପଂଚାୟତର ଭୂର୍କାଧୋଡ଼ା ଗ୍ରାମରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ସଭାପତିତ୍ୱରେ ପ୍ରବାସୀ ଶ୍ରମିକ ନିରାକରଣ ପାଇଁ ଏକ ସଚେତନତା ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ କୋମନା ବ୍ଲକ ଅଧ୍ୟକ୍ଷା ଅନୁସୁୟା କୁମ୍ଭାର, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ସୁର୍ମି ସୋରେନ, ସି ଡି ଏମ୍ ଓ ଡଃ ଧନେଶ୍ୱର ସେଠୀ , ବିଡ଼ିଓ ପବିତ୍ର କୁମାର ସାମଲ, ସ୍ଥାନୀୟ ସରପଂଚ ଉପେନ୍ଦ୍ର ରଣା ପ୍ରମୁଖ ଅତିଥି ହିସାବରେ ଯୋଗଦେଇଥିଲେ । ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ସମସ୍ତ ଅତିଥି, ଅଧିକାରୀ ତଥା ଜନସାଧାରଣଙ୍କୁ ସ୍ୱାଗତ କରି ସଭା ପରିଚାଳନା କରିଥିଲେ। ସଭାରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଯୋଗଦେଇ ଶ୍ରମିକ, କୃଷକ, ମହିଳା ତଥା ଜନସାଧାରଣଙ୍କ ପାଇଁ ଥିବା ବିଭିନ୍ନ ବିଭାଗୀୟ ଲୋକାଭିମୁଖୀ ଯୋଜନା ସମ୍ବନ୍ଧରେ ଅବଗତ କରାଇଥିଲେ। ପ୍ରଥମେ ସମାରୋହରେ ଝିଅ ପାଇଁ ଗଛଟିଏ ଏବଂ ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ନବ ଜାତକ ଶିଶୁ କନ୍ୟା କ୍ରିତିକାଂଶି ଦାସ ଓ ଧନେଶ୍ୱରୀ ସାହୁଙ୍କୁ କୋଳରେ ଧରି ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଦୁଇ ଶିଶୁର ପିତାମାତାଙ୍କୁ ଉପହାର ସହିତ ନୂତନ ବୃକ୍ଷ ଚାରା ପ୍ରଦାନ କରିଥିଲେ । ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ଗାଁର ଚାରି ଜଣ ଗର୍ଭବତୀ ମହିଳାଙ୍କୁ ଫଳମୂଳ, ପନିପରିବା, ପୁଷ୍ଟିକର ଖାଦ୍ୟ ଏବଂ ବିଭିନ୍ନ ଉପହାର ଅତିଥି ମାନେ ଭେଟି ଦେଇଥିଲେ । ଏହି ଅବସରରେ, ସ୍ଥାନୀୟ କଳାକାର ମାନଙ୍କ ଦ୍ୱାରା ପାଲା ପରିବେଷଣ କରାଯାଇ ପ୍ରବାସୀ ଶ୍ରମିକ ନିରାକରଣ ଓ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ସଚେତନତା ସୃଷ୍ଟି କରା ଯାଇଥିଲା। ଜିଲ୍ଲାପାଳ ସମସ୍ତଙ୍କୁ ଉଦବୋଧନ ଦେଇ କହିଲେ ଯେ ସରକାରଙ୍କ ପକ୍ଷରୁ ବହୁତ ଜନ ମଙ୍ଗଳକାରୀ ତଥା କର୍ମ ନିଯୁକ୍ତି ଯୋଜନା ଜିଲ୍ଲାରେ ଉପଲବ୍ଧ ଅଛି। ସେ ଗ୍ରାମବାସୀଙ୍କୁ ପ୍ରବାସୀ ଶ୍ରମିକ ଭାବେ ନ ଯାଇ ଘରେ ରହି ଏହାର ଲାଭ ଉଠାଇବା ପାଇଁ ଆହ୍ୱାନ ଦେଇଥିଲେ। ସେ ଛୋଟ ପିଲାଙ୍କୁ ଶିଶୁ ଶ୍ରମିକ ଭାବେ ନିୟୋଜିତ ନକରି ସ୍କୁଲ୍ ପଠେଇବା ପାଇଁ ବାପା ମାଁ ମାନଙ୍କୁ କହିଥିଲେ। ସେହିପରି , ଗାଁ କୁ ଏକକ ବ୍ୟବହୃତ ପ୍ଲାଷ୍ଟିକ ମୁକ୍ତ ରଖିବାକୁ ସେ ଆହ୍ୱାନ ଦେଇଥିଲେ। ଏହି ଅବସରରେ, ଆଠ ଜଣ ହିତାଧିକାରୀ ଶ୍ରମିକଙ୍କୁ ମନରେଗା ରେ ୧୦୦ ଦିନରୁ ଅଧିକ କାମ କରିଥିବାରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଦୁଇଟି ପରିବାରକୁ ନିର୍ମାଣ ଶ୍ରମିକ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା। ଗିରିଧାରି ମାଝୀ, ହୀରାକାନ୍ତି ନାଗ ଓ ସୁଲୋଚନା ଶବରଙ୍କ ପରିବାରକୁ ୩ ଲକ୍ଷ ଟଙ୍କା ଲେଖାଏ ମୃତ୍ୟୁ କାଳୀନ ସହାୟତା ଓ ଯାଇମଣୀଙ୍କୁ ୧୦,୦୦୦ ଟଙ୍କା ମାତୃତ୍ୱ ସହାୟତା ପ୍ରଦାନ କରାଯାଇଥିଲା।

ଜାତୀୟସ୍ତରୀୟ ସରସ ସ୍ୱଦେଶୀ ମେଳା ଉଦ୍‌ଯାପିତ

ରାଉରକେଲା,୧୦/୩(ନି/ପ୍ର): ସୁନ୍ଦରଗଡ ଜିଲ୍ଲା ପ୍ରଶାସନ ଏବଂ ଓଡିଶା ସରକାରଙ୍କ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧିନରେ ଥିବା ଓରମାସର ମିଳିତ ସହଯୋଗରେ ଅନୁଷ୍ଠିତ ୧୧ ଦିବସୀୟ ସରସ ସ୍ୱଦେଶୀ ମେଳା ସୋମବାର ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି । ସମାପନ ସମାରୋହରେ ପଶ୍ଚିମାଂଚଳ ରେଞ୍ଜ ପୋଲିସ୍ ଡିଆଇଜି ବ୍ରିଜେଶ କୁମାର ରାୟ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ସମ୍ମାନୀୟ ଅତିଥି ଭାବରେ ସୁନ୍ଦରଗଡ଼ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ସୁରଂଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଡିଆଇଜି ଶ୍ରୀ ରାୟ ସଫଳତାର ସହିତ ମେଳା ଆୟୋଜନ ହୋଇଥିବାରୁ ଶୁଭେଚ୍ଛା ଜଣାଇଥିଲେ ଓ ସର୍ବାଧିକ ବିକ୍ରୟ କରିଥିବା ଷ୍ଟଲମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଓଡିଶାରୁ ଅଂଶଗ୍ରହଣକାରୀମାନଙ୍କ ମଧ୍ୟରୁ ସୋନପୁରର ମହାଲକ୍ଷ୍ମୀ ଏସ୍ଏଚଜି ସର୍ବାଧିକ ବିକ୍ରୟ କରି ଯଥାକ୍ରମେ ପ୍ରଥମ, କେନ୍ଦ୍ରାପଡାର ସୃଜନୀ ପିଜି ଦ୍ୱିତୀୟ ଓ ଝାରସୁଗୁଡାର ସମ୍ବଲପୁରୀ ଟାଇଏଣ୍ଡ ଡାଇଡ୍ଭର୍ସ କୋଅପରେଟିଭ ସୋସାଇଟିକୁ ତୃତୀୟ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ଓଡିଶା ବାହାରୁ ଅଂଶଗ୍ରହଣକାରୀମାନଙ୍କ ମଧ୍ୟରେ କେରଳର ଆରାଧନା ଏସଏଚଜି ପ୍ରଥମ, ଗୋଆର ଶ୍ରୀ ରାସ୍ତୋଲି ଏସଏଚଜି, ଗୁଜୁରାଟର ଶ୍ରୀ ଶକ୍ତି ମିଶନ ମଙ୍ଗଳମଙ୍କୁ ୩ୟ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହିମେଳାରେ ଷ୍ଟଲମାନଙ୍କ ଦ୍ୱାରା ଦାଖଲ କରାଯାଇଥିବା ବିକ୍ରୟ ରିର୍ପୋଟ ଅନୁଯାଇ ୮ ମାର୍ଚ୍ଚ ପର୍ଯ୍ୟନ୍ତ ୬ କୋଟି ୫୦ଲକ୍ଷ ଟଙ୍କାର ବ୍ୟାପାର କରିଥିବାର ସୂଚନା ମିଳିଛି। ସେହିପରି ସରକାରଙ୍କ ବିଭିନ୍ନ ଯୋଜନା ଭଲ ପ୍ରଦର୍ଶନ କରିଥିବାରୁ କୃଷି ଜିଲ୍ଲା ଅଧିକାରୀ କାର୍ଯ୍ୟାଳୟ ପାନପୋଷକୁ ପୁରସ୍କୃତ କରାଯାଇଥିଲା। ସ୍ୱଦେଶୀ ଜାଗରଣ ମଂଚ ପକ୍ଷରୁ ସ୍ୱଦେଶୀ ଉଦ୍ୟମୀତା ସମ୍ମାନ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ୱଦେଶୀ ଜାଗରଣ ମଂଚର ରାଜ୍ୟ ସଂଯୋଜକ ରଘୁନାଥ ବେହେରା ଓ ମିତା ପଣ୍ଡା ଉପସ୍ଥିତ ଥିଲେ। ଶେଷ ସଂଧ୍ୟାରେ ମଧ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହାକୁ ବହୁସଂଖ୍ୟାରେ ଲୋକମାନେ ଉପଭୋଗ କରିଥିଲେ।

ମା ଇନ୍ଦିରା ମହିଳା ସମିତି ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

ରାଉରକେଲା,୧୦/୩(ନି/ପ୍ର): ମା ଇନ୍ଦିରା ମହିଳା ସମିତି ପକ୍ଷରୁ ପ୍ରତି ବର୍ଷ ଭଳି ଚଳିତ ବର୍ଷ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ରାଉରକେଲା ସହରର ସିଭିଲ୍ ଟାଉନସିପ୍ ସ୍ଥିତ ଧନଞ୍ଜୟ ପାର୍କ ପରିସରରେ ୩୦୦ରୁ ଉର୍ଦ୍ଧ୍ୱ ମହିଳାଙ୍କୁ ନେଇ ମହିଳା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଜରୁରୀ କାର୍ଯ୍ୟ ବଶତଃ ମହିଳା ଦିବସ କାର୍ଯ୍ୟକ୍ରମରେ ଯୋଗଦେଇ ନପାରି ଫୋନରେ ତାଙ୍କର ଶୁଭେଚ୍ଛା ଜଣାଇଥିଲେ। ମୁଖ୍ୟ ବକ୍ତା ବିପିଏସ୍ ସ୍କୁଲର ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶ୍ରୀମତୀ ସୌଦାମିନୀ ସିଂ, ସମ୍ମାନୀୟ ଅତିଥି ଭାବେ ସନ୍ଧ୍ୟା ଲାକ୍ରା, ସାବିତ୍ରୀ ଜୟପୁରିଆ, ମରୁମାୟା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟ ବକ୍ତା ତାଙ୍କ ବକ୍ତବ୍ୟରେ ମହିଳାମାନେ କିପରି ସମାଜରେ ନିଜର ପରିଚୟ ସୃଷ୍ଟି କରିପାରିବେ, ଶିକ୍ଷା ମାଧ୍ୟମରେ ମହିଳାଙ୍କୁ ପ୍ରେରଣା ଦେଇଥିଲେ। ସମ୍ମାନୀୟ ଅତିଥିମାନେ ସମସ୍ତ ମହିଳାଙ୍କୁ ସମାଜର ଭଲ କାମ କରିବା ପାଇଁ ପ୍ରେରଣା ଦେଇଥିଲେ। ସ୍ୱାଗତ ଭାଷଣରେ ସମିତିର ଉପସଭାପତି ତଥା ୱାଟର ଆଣ୍ଡ ରିସର୍ଚ୍ଚର ନିର୍ଦ୍ଦେଶିକା ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ସମିତିର ସଭାପତି ଓ ସହର ସେବା ସମିତିର ସମ୍ପାଦକ ତାଙ୍କ ବକ୍ତବ୍ୟରେ ସନ୍ତାନଙ୍କୁ ମୂଳରୁ ସଂସ୍କାରି କରି ଗଢି ତୋଳିବା ସହ ମହାପୁରୁଷଙ୍କ କାହାଣୀ ଶୁଣାଇବା ଏହି ପ୍ରତିଭାଶାଳୀ ମହିଳାଙ୍କ ମଧ୍ୟରେ ଅସୀମା ଦାସ, ଲିଲି ସ୍ୱାଇଁ, ପ୍ରମିଳା ଖଟୁଆ, ମମତା ସାମଲ, ରାନୁ ମହାପାତ୍ରଙ୍କ ସମେତ ଭଲ ସାମ୍ବାଦିକତା ପାଇଁ ବିଜୟ ପ୍ରଧାନ, ପ୍ରଦୀପ ବେହେରା, ସମାଜ ସେବା ପାଇଁ ବୈଲୋଚନ ସାହୁଙ୍କୁ ସମ୍ମାନୀତ କରାଯାଇଥିଲା।

ରାଉରକେଲାରେ ଅଧିକାଂଶ ହୋଟେଲ ବନ୍ଦ, କର୍ମସିଆଲ ଗ୍ୟାସ ମିଳୁନଥିବାରୁ ଏପ୍ରକାର ସ୍ଥିତି। ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଯୋଗୁଁ ଗ୍ୟାସ ଯୋଗାଣ ପ୍ରଭାବିତ।

ଟିପିଡବ୍ଲୁଓଡିଏଲର ବିଦ୍ୟୁତ କାଟ: ପାୱାର ହାଉସ୍ ରୋଡର ବିଭିନ୍ନ ଅଂଚଳ ପ୍ରଭାବିତ

ରାଉରକେଲା,୧୦/୩(ନି/ପ୍ର): ଟାଟା ପାୱାର ୱେଷ୍ଟର୍ଣ୍ଣ ଓଡିଶା ଡିଭିଜନ ଲିମିଟେଡ ପକ୍ଷରୁ ଆଜି ସକାଳ ୮ଟା ୩୦ ସମୟରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ବିଜୁଳି କାଟ କରାଯାଇଥିବା ଯୋଗୁଁ ସହରର ପାୱାର ହାଉସ୍ ରୋଡ ଅଂଚଳରେ ଥିବା ପାୱାର ହାଉସ୍ ରୋଡ, ନିର୍ମଳ ମାର୍କେଟ, ପଣ୍ଡା କଲୋନୀ ବିର୍ସା ଡାହାର ରୋଡ, ମାର୍ବଲ ଗଲି ଏବଂ ମଙ୍ଗଳ ଭବନ ଅଂଚଳ ପ୍ରଭାବିତ ହୋଇଛି। ଗ୍ରୀଷ୍ମ ଋତୁରେ ଟାଟା ପାୱାରର ଏଭଳି ବିଜୁଳି କାଟକୁ ମହିଳା ଓ ଛୋଟ ପିଲା ବରଦାସ୍ତ କରିନପାରି ସୂର୍ଯ୍ୟ ତାପ ଓ ଗରମରେ ଡହଳବିକଳ ହେଉଥିବା ଲକ୍ଷ୍ୟ କରାଯାଇଛି। ଟାଟା ପାୱାର ପକ୍ଷରୁ ଖୁଂଟରେ ଥିବା ଖୋଲା ବିଜୁଳି ଲାଇନ ତାରକୁ ପରିବର୍ତନ କରି ନୂଆ କେବଲ ତାର ଲଗାଯାଉଥିବା ଯୋଗୁଁ ଏହି ଅସୁବିଧା ଦେଖାଦେଇଛି। ମାର୍ଚ୍ଚ ମାସ ପୂର୍ବରୁ ଏହାକୁ ପରିବର୍ତ୍ତନ କରାନଯାଇ ବର୍ତ୍ତମାନ କରାଯାଉଥିବା ଯୋଗୁଁ, ବିଜୁଳି କାଟ କରାଯାଇଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ଲୋକମାନେ।

ସରଣ୍ଡାରେ ପୁଲିସ-ମାଓବାଦୀ ମୁହାଁମୁହିଁ:

କୋଇଡା,୧୦/୩(ନି/ପ୍ର): ସୁନ୍ଦରଗଡ଼ଜିଲ୍ଲା ସୀମାନ୍ତ ସରଣ୍ଡା ଜଙ୍ଗଲରେ ଶନିବାର ସୁରକ୍ଷାବଳଓ ମାଓବାଦୀଙ୍କ ମଧ୍ୟରେ ଘମାଘୋଟ ଗୁଳି ବିନିମୟ ହୋଇଛି। ସ୍ଥାନୀୟ ଗ୍ରାମବାସୀଙ୍କ କହିବା ଅନୁଯାୟୀ, ସରଣ୍ଡା ଜଙ୍ଗଲର କୁମଡ଼ିହ ଓ କୋଲବୋଙ୍ଗା ଅଂଚଳରେ ମାଓବାଦୀଙ୍କ ଏକ ଦଳ ଥିବା ସୂଚନା ପାଇ ସୁରକ୍ଷାବଳ ଆଜି ସକାଳେ ସେମାନଙ୍କୁ ଘେରି ଯାଇଥିଲେ। ପରେ ଉଭୟ ପକ୍ଷରୁ ଗୁଳିବର୍ଷା ଆରମ୍ଭ ହୋଇଥିଲା। ଜଙ୍ଗଲ ଭିତରୁ ଲଗାତାର ଗୁଳିଗୋଳା ଶବ୍ଦ ଶୁଣି ନିକଟସ୍ଥ ଗ୍ରାମଗୁଡ଼ିକରେ ଭୟର ବାତାବରଣ ସୃଷ୍ଟି ହୋଇଛି । ଉଲ୍ଲେଖନୀୟ ଯେ, ଶୁକ୍ରବାର ସିଆରପିଏଫ୍ ଡିଜି ଚାଇବସା ଗସ୍ତରେ ଆସି ନକ୍ସଲ ବିରୋଧୀ ଅଭିଯାନକୁ ଆହୁରି ତୀବ୍ର କରିବାକୁ ସୁରକ୍ଷାବଳକୁ ନିର୍ଦ୍ଦେଶଦେଇଥିଲେ। ଏହାର ୨୪ ଘଣ୍ଟା ମଧ୍ୟରେ ସରଣ୍ଡା ଜଙ୍ଗଲରୁ ଏଭଳି ଗୁଳି ବିନିମୟ ଖବର ଆସିବାରୁ ଅଂଚଳରେ ଚର୍ଚ୍ଚା ବଢ଼ିଯାଇଛି।

କଳାଗୁଡା ଜଙ୍ଗଲରେ ଅବକାରି ଥାନାର ଚଢାଉ

ଜୟପୁର, ୧୦/୩: ଦେଶି ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ସୁଚନା ପାଇ କଳାଗୁଡା ଜଙ୍ଗରେ ଜୟପୁର ଅବକାରି ଥାନା ଚଢାଉ କରିଛି । ଚଢାଉ ସୁଚନା ପାଇ ମଦ ମାଫିଆ ମାନେ ଚମ୍ପଟ ମାରିଥିବା ବେଳେ ୧୨ ଶହ ଲିଟର ପୋଚ ୧୩୦ ଲିଟର ଦେଶି ମଦ ଜବତ କରି ନଷ୍ଟ କରିଛି । ମଦ ରନ୍ଧା ସରଞ୍ଜାମ ଡ୍ରମ ଆଦିକୁ ଜବତ କରିଥିବା ବିଷୟ ଜୟପୁର ଅବକାରି ଥାନା ଓଆଇସି ସୁବ୍ରତ କେଶୋରି ହିରନ ସୁଚନା ଦେଇଛନ୍ତି ।

ସେଲ୍, ରାଉରକେଲା ଇସ୍ପାତ କାରଖାନାର ଚାରୋଟି ବିଭାଗକୁ ଅଗ୍ନି ନିରାପତା ପ୍ରମାଣପତ୍ର

ରାଉରକେଲା,୧୦/୩ (ନି/ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଜଝଚ)ର ଚାରୋଟି ବିଭାଗକୁ ନିର୍ଦ୍ଧାରିତ ଅଗ୍ନି ନିରାପନ୍ତା ମାନଦଣ୍ଡ ଏବଂ ପ୍ରସ୍ତୁତିର ପାଳନ ପାଇଁ ଅଗ୍ନି ନିରାପତା ପ୍ରମାଣପତ୍ର ପ୍ରଦାନ କରାଯାଇଛି । ପୁରସ୍କୃତ ବିଭାଗଗୁଡ଼ିକ ହେଲେ କୋକ୍ ଓଭନ୍ ବ୍ୟାଟେରୀ -୬, ଝଗଝ-ଓଓ, ବ୍ଲାଷ୍ଟ ଫର୍ଣ୍ଣେସ୍ -୫ ଏବଂ ପାଇପ୍ ପ୍ଲାଂଟ। ୫ ମାର୍ଚ୍ଚ, ୨୦୨୬ରେ ମନ୍ଥନ ସମ୍ମିଳନୀ କକ୍ଷ ରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଜଝଚର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମା ଏହି ପ୍ରମାଣପତ୍ର ବଂଟନ କରିଥିଲେ। ଶ୍ରୀ ତରୁଣ ମିଶ୍ର, ରଉ (ଐଜ), ଶ୍ରୀ ବିଶ୍ୱରଞ୍ଜନ ପଲାଇ, ରଉ (କାର୍ଯ୍ୟ), ଶ୍ରୀ ଅନିଲ କୁମାର, ରଉ (ଗଗ), ଏବଂ ଶ୍ରୀ ଏସ. ପାଲଚୌଧୁରୀ, ରଉ (ପ୍ରୋଜେକ୍ଟ), ଶ୍ରୀ ରାଜେଶ ଦାସଗୁପ୍ତା, ଉଏଗ ଇନ-ଚାର୍ଜ (ଋଢବଙ୍କକ୍ଷ;ଇ), ଅନେକ ଉଏଗ ଏବଂ ପ୍ଲାଂଟର ବରିଷ୍ଠ ଅଧିକାରୀମାନେ ଏହି ଅବସରରେ ଉପସ୍ଥିତ ଥିଲେ। ଭାରପ୍ରାପ୍ତ ନିର୍ଦ୍ଦେଶକ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଗଣ ଉକ୍ତ ପ୍ରମାଣପତ୍ର ପ୍ରଦାନ କରିଥିବା ବେଳେ ଏଥିରେ ସହଯୋଗ କରିଥିଲେ ଉଏଗ (ଅଗ୍ନିଶମ ସେବା ଏବଂ ସୁରକ୍ଷା) ଶ୍ରୀ ହୀରାଲାଲ ମହାପାତ୍ର ଙ୍କ ସମେତ , ଏଗ (ଅଗ୍ନିଶମ ସେବା) ଶ୍ରୀ ପି. ଏସ୍. ଠାକରେ । କୋକ୍ ଓଭନ୍ ବ୍ୟାଟେରୀ-୬ ପାଇଁ ଶ୍ରୀ ରାକେଶ ଜୋଶୀ, ଉଏଗ, ଉଙ୍ଗଉଉଉ, ଷ୍ଟିଲ୍ ମେଲ୍ଟିଂ ସପ୍-୨ ପାଇଁ ଶ୍ରୀ ଏମ୍. ଜି. ଶ୍ରୀକାନ୍ତ, ଉଏଗ, (ଝଗଝ-ଓଓ), ବ୍ଲାଷ୍ଟ ଫର୍ଣ୍ଣେସ୍-୫ ପାଇଁ ଶ୍ରୀ ସୁମିତ କୁମାର, ଉଏଗ, (ବ୍ଲାଷ୍ଟ ଫର୍ଣ୍ଣେସେସ୍) ଏବଂ ଶ୍ରୀ ସୁବ୍ରତ କୁମାର, ଉଏଗ, (ଐଝଗ ଏବଂ ବଙ୍କଘସକ୍ଷସବକ୍ସଚ) ପାଇପ୍ ପ୍ଲାଂଟ ପକ୍ଷରୁ ଅଗ୍ନି ନିରାପନ୍ତା ପ୍ରମାଣପତ୍ର ପ୍ରମାଣପତ୍ର ଗ୍ରହଣ କରିଥିଲେ ମହମ୍ମଦ ମୋଇନ ଉଦ୍-ଦିନ ଲସ୍କର। ଏହି ଅବସରରେ ଶ୍ରୀ ଆଲୋକ ବର୍ମା ପ୍ରମାଣପତ୍ର ହାସଲ କରିଥିବା ବିଭାଗଗୁଡ଼ିକୁ ଅଭିନନ୍ଦନ ଜଣାଇଥିଲେ ଏବଂ ପ୍ଲାଂଟରେ ଅଗ୍ନି ନିରାପନ୍ତା ଏବଂ କାର୍ଯ୍ୟକ୍ଷେତ୍ର ପ୍ରସ୍ତୁତିର ଉଚ୍ଚ ମାନ ବଜାୟ ରଖିବା ପ୍ରତି ସେମାନଙ୍କର ପ୍ରତିବଦ୍ଧତାକୁ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶ୍ରୀଯୁକ୍ତ ଜୟଦେବ ମଜୁମଦାର, ସହାୟକ ପ୍ରବନ୍ଧକ (ପି ଆର) ସଂଯୋଜନା କରିଥିଲେ। ଓଡିଶା ଅଗ୍ନି ନିବାରଣ ଏବଂ ଅଗ୍ନି ନିରାପତା ନିୟମ-୨୦୧୭ ର ବ୍ୟବସ୍ଥା ଅନୁଯାୟୀ, ସମସ୍ତ ଶିଳ୍ପ ୟୁନିଟ୍, ଶିଳ୍ପ କୋଠାବାଡି ଏବଂ ବିପଦପୂର୍ଣ୍ଣ ଦଖଲସତ୍ୱ ହାସଲ କରିଥିବା ସମସ୍ତଙ୍କ ପାଇଁ ଏକ ବୈଧ ଅଗ୍ନି ନିରାପନ୍ତା ପ୍ରମାଣପତ୍ର ରଖିବା ଏକ ବୈଧାନିକ ଏବଂ ଆଇନଗତ ଆବଶ୍ୟକତା। ଝଇ-୮୦୦୦, ଡଐଝଗଝ, ରଗଝ ଏବଂ ରଭଗଝ ଭଳି ମାନଦଣ୍ଡ ପାଳନ ପାଇଁ ମଧ ଏହି ପ୍ରମାଣପତ୍ର ଏକ ପ୍ରମୁଖ ପୂର୍ବାବଶ୍ୟକତା। ଉଲ୍ଲେଖଯୋଗ୍ୟ, ଏହି ଚାରୋଟି ୟୁନିଟ୍ ସହିତ ରାଉରକେଲା ଇସ୍ପାତ କାରଖାନା ଓଡ଼ିଶା ଅଗ୍ନିଶମ ସେବା, ଓଡ଼ିଶା ସରକାରଙ୍କଠାରୁ ୧୫ଟି ଅଗ୍ନି ନିରାପତା ପ୍ରମାଣପତ୍ର ସଫଳତାର ସହିତ ହାସଲ କରିଛି। ପ୍ଲାଂଟର ଅଧିକ ବିଭାଗ ପାଇଁ ପ୍ରମାଣପତ୍ର ପାଇବା ପାଇଁ ମଧ କାର୍ଯ୍ୟ ଆରମ୍ଭ ହୋଇଛି।